## ସଂକ୍ଷେପରେ

### ଭବାନୀପାଟଣା-ବ୍ରହ୍ମପୁର ସରକାରୀ ବସ କେସିଙ୍ଗା ଦେଇ ଚଳାଇବାକୁ ଦାବି

**କେସିଙ୍ଗା, ୨୪।୨(ତୁମେଶ୍ୱର ସାହୁ):** କଳାହାଣ୍ଡି ଓ ଗଞ୍ଜାମ ଜିଲା ମଧ୍ୟରେ ଏକ ବ୍ୟବସାୟିକ ସମ୍ପର୍କ ରହିଆସିଛି। ବ୍ୟବସାୟ ବାଣିଜ୍ୟ ସହିତ ପାଠପଢ଼ା ଓ ଅନ୍ୟାନ୍ୟ କାର୍ଯ୍ୟରେ ପ୍ରାୟ ପ୍ରତ୍ୟହ ଅନେକ ଯାତ୍ରୀ, ଛାତ୍ରୀଛାତ୍ର ବ୍ରହ୍ମପୁରକୁ ଯିବା ଆସିବା କରିଥାନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ତାଲୁକ ବାଣାୟତ ଓଡ଼ିଆ ସମାଜର ସଭାପତି ଝଡ଼ିଆ ସ୍ୱାଇଁ, ସାଧାରଣ ସମ୍ପାଦକ ରମେଶ କୁମାର ଜେନା ବାଣିଜ୍ୟ ଓ ପରିବହନ,ଖଣି ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବର୍ତ୍ତମାନ ଭବାନୀପାଟଣାରୁ ବ୍ରହ୍ମପୁରକୁ ମାତ୍ର ଗୋଟିଏ ସରକାରୀ ବସ ଚଳାଚଳ କରୁଛି। ଯେଉଁଟା ଭବାନୀପାଟଣାରୁ ସିଧା ବାହାରି ମ.ରାମପୁର ଦେଇ ବ୍ରହ୍ମପୁର ଯାଉଛି। ଯଦି ଏହି ସରକାରୀ ବସ ଭବାନୀପାଟଣାରୁ ବାହାରି ଭାୟା କେସିଙ୍ଗା-ଅମାଠ ଛକ, ମ.ରାମପୁର ଦେଇ ବ୍ରହ୍ମପୁର ଯାଆନ୍ତା ତେବେ ଭବାନୀପାଟଣା ଅଞ୍ଚଳ ସହିତ କେସିଙ୍ଗା ବ୍ଲକ, ଏନଏସି, ବଲାଙ୍ଗୀର ଜିଲାର ବେଲଗାଁ, କଳାହାଣ୍ଡିର ନର୍ଲା, କର୍ଲାମୁଣ୍ଡା, ମ.ରାମପୁର ବ୍ଲକର ଲୋକେ ସୁବିଧା ପାଇପାରନ୍ତେ। ଏହି ସମସ୍ୟାକୁ ନେଇ କଳାହାଣ୍ଡି ତାଲୁକ ବାଣାୟତ ଓଡ଼ିଆ ସମାଜ ତରଫର ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

### ଜୟପାଟଣା ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

**ଜୟପାଟଣା,୨୪।୨(ଓମପ୍ରକାଶ ବୈଠାରୁ):** କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ବ୍ଲକସ୍ତରୀୟ କଳାହାଣ୍ଡି ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୨୩ଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୧୮ ଓ ସାମୂହିକ ୫ଟି ରହିଥିବା ବେଳେ ୬ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମୀନତିଲତା ଦାସ, ଧର୍ମଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମନୋଜ ବେହେରା, ବ୍ଲକ ଅଧ୍ୟକ୍ଷ ଥବିର ବାଗ, ବ୍ଲକ ଉନ୍ନୟନ ଅଧିକାରୀ ଧର୍ମରାଜ ମାଝୀ, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଆ, ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମି କହଁର, ସହ ନିର୍ଦ୍ଦେଶକ ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ଓ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କହଁର ଯୋଗ ଦେଇଥିଲେ।

### ଶ୍ରୀମହାକାଳେଶ୍ୱର, ମା'ଚଣ୍ଡି ମନ୍ଦିର ପ୍ରତିଷ୍ଠା ମହୋତ୍ସବ

**କୋକସରା,୨୪।୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଓଲମା ଗ୍ରାମର ଶ୍ରୀମହାକାଳେଶ୍ୱର ଶୈବପୀଠ ଓ ମା'ଚଣ୍ଡିଙ୍କ ନୂତନ ଭବ୍ୟମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସପ୍ତମୀଠାରୁ ଅଙ୍କୁରାରୋପଣ, କର୍ତ୍ତା ସଂସ୍କାର, ଅଧିବାସ, କଳସଯାତ୍ରା, ଦେବ ପୂଜନ ସହ ରୀତିନୀତି ଅନୁଯାୟୀ ଆରମ୍ଭ ହୋଇ ସୋମବାର ଏକାଦଶୀ ତିଥିରେ ମନ୍ଦିର ପ୍ରତିଷ୍ଠା ସହ ପାର୍ଶ୍ୱ ଦେବାଦେବୀ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଓଲମା ଗ୍ରାମରେ ଥିବା ଏହି ଶୈବପୀଠ ଶ୍ରୀମହାକାଳେଶ୍ୱର ବାବାଙ୍କୁ ଆଜିକୁ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଗ୍ରାମର ଶବର ପରିବାର ବଂଶାନୁକ୍ରମେ ପୂଜାର୍ଚ୍ଚନା କରି ଆସୁଛନ୍ତି। ରୀତିନୀତି ଅନୁଯାୟୀ ସକାଳ ୯ରୁ ଶ୍ରୀମହାକାଳେଶ୍ୱର ଓ ମା' ଚଣ୍ଡି ମନ୍ଦିରରେ ତ୍ରିଶୁଳ ଧ୍ୱଜା ରୋପଣ, ପାର୍ଶ୍ୱଦେବାଦେବୀଙ୍କ ପ୍ରାଣ ପ୍ରତିଷ୍ଠା ଓ ନୂତନ ମନ୍ଦିର ପ୍ରତିଷ୍ଠା ଓ ଦେବ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜାକର୍ତ୍ତା କମଳ ଅଗ୍ରୱାଲ ତାଙ୍କ ସ୍ତ୍ରୀ ବବିତା ଦେବୀ ପୂଜାବିଧି ତୁଲାଇଥିଲେ। ମୁଖ୍ୟ ପୂଜକ ଭାବେ ଆଚାର୍ଯ୍ୟ ଗୋପାଳ ପ୍ରସାଦ ଜି ଠାକୁର, ବ୍ରହ୍ମ ଶ୍ରୀପତି ଠାକୁର, ସ୍ୱସ୍ତି ବାଚକ ଭାସ୍କର ଠାକୁର, ରୁଦ୍ରୀ ଅନିରୁଦ୍ଧ ଠାକୁର, ବିଶ୍ୱମ୍ଭର ଯୋଶୀ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

# ନାମ ବଦଳିଲା, ପୂରଣ ହେଲାନି ପଦବୀ

**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ**

- ୧୧୨ରୁ ଅଛନ୍ତି ମାତ୍ର ୨୧
- ଭିତ୍ତିଭୂମିର ଉନ୍ନତି ପାଇଁ ୩୬କୋଟି ୬୬ଲକ୍ଷ ପ୍ରଦାନ




ଭବାନୀପାଟଣା,୨୪।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ବିଶ୍ୱ ବିଦ୍ୟାଳୟରୁ ନାମ ପରିବର୍ତ୍ତନ ହୋଇ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ହେଲା। ତଥାପି ପୂରଣ ହେଲାନି ପଦବୀ। ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଏବେ ଅନେକ ପଦବୀ ଖାଲିପଡିଛି। ଯାହାକୁ ନେଇ ଜିଲାର ଶିକ୍ଷାବିତ୍, ବୁଦ୍ଧିଜୀବୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଧାନସଭାରେ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ବିଭିନ୍ନ ବିଭାଗରେ ମୋଟ ୧୧୨ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର, ସହକାରୀ ପ୍ରଫେସର, ସହଯୋଗୀ ପ୍ରଫେସର ପଦବୀ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ମାତ୍ର ୨୧ ଜଣ ନିୟମିତ ଭାବରେ କାର୍ଯ୍ୟ କରୁଛନ୍ତି। ଅବଶିଷ୍ଟ ୯୧ଟି ପଦବୀ ଖାଲିପଡିଛି। ଏଥିରେ ମାନବ ବିଜ୍ଞାନ ବିଭାଗରେ ଗୋଟିଏ ପଦବୀ ଖାଲି ପଡିଥିବାବେଳେ ଉଦ୍ଭିଦ ବିଜ୍ଞାନ ୭, ରସାୟନିକ ବିଜ୍ଞାନରେ ୭, ବାଣିଜ୍ୟ ୭, ଅର୍ଥନିତୀ ୬, ଶିକ୍ଷାରେ ୭, ଇଂରାଜୀ ୪, ଭୂଗୋଳରେ ୪, ଇତିହାସ ୭, ଗଣିତ ୭, ଓଡିଆରେ ୭, ଭୌତିକ ବିଜ୍ଞାନରେ ୫, ରାଜନିତୀ ବିଜ୍ଞାନ ୪, ସଂସ୍କୃତ ୭, ସାମାଜିକ ବିଜ୍ଞାନ ୪ ଓ ଜୀବବିଜ୍ଞାନରେ ୭ଟି ପଦବୀ ଖାଲିପଡିଛି। ଏହାସହ ବିଶ୍ୱବିଦ୍ୟାଳୟରେ ୨୭ଜଣ ସରକାରୀ ଅଧ୍ୟାପକ କାର୍ଯ୍ୟକରୁଥିବାବେଳେ ୪୮ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟରେ ବିଭିନ୍ନ ବର୍ଗରେ ୯୦ରୁ ୯୦ଟି ମଞ୍ଜୁରପ୍ରାପ୍ତ ଅଣଶିକ୍ଷକ କର୍ମଚାରୀ ପଦବୀ ଖାଲିପଡିଛି। ଅଦ୍ୟାବଧି ବିଶ୍ୱବିଦ୍ୟାଳୟରେ ନିୟମିତ ଭାବେ କୌଣସି କର୍ମଚାରୀ ନିଯୁକ୍ତି ହୋଇପାରିନାହାନ୍ତି। ସେହିପରି ବର୍ତ୍ତମାନ ବିଶ୍ୱ ବିଦ୍ୟାଳୟରେ ୮୫ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ସେଥିମଧ୍ୟରୁ ନିୟମିତ ୮, ୭୬ଚୁକ୍ତିଭିତ୍ତିକ ଓ ଜଣେ ଦୈନିକ ମଞ୍ଜୁରୀପ୍ରାପ୍ତ କର୍ମଚାରୀ ଅଛନ୍ତି। ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଭିତ୍ତିଭୂମିର ଉନ୍ନତିପାଇଁ ୨୦୨୦-୨୧ ଠାରୁ ୨୦୨୪-୨୫ ମସିହା ପର୍ଯ୍ୟନ୍ତ ସମୁଦାୟ ୪୭କୋଟି ୩୨ଲକ୍ଷ ୬୮ହଜାର ୫୬୦ ଟଙ୍କା ମଞ୍ଜୁର କରାଯାଇଥିବାବେଳେ ସେଥିମଧ୍ୟରୁ ମୋଟ ୩୬କୋଟି ୬୬ଲକ୍ଷ ୫୩ହଜାର ୭୯୨ଟଙ୍କା ପ୍ରଦାନ କରାଯାଇଛି। ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ କଳାହାଣ୍ଡି ଓ ନୂଆପଡା ଜିଲା ଅନୁବନ୍ଧିତ ରହିଛି। ଗତ ୨୧ ତାରିଖ ବିଧାନସଭାରେ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ଓ ବିଶ୍ୱବିଦ୍ୟାଳୟରେ କେତେ ଅଧ୍ୟାପକ ଓ କର୍ମଚାରୀ ପଦବୀ ଖାଲି ପଡିଛି ତାହା ଉପରେ ପ୍ରଶ୍ନ କରିଥିଲେ। ଏହାସହ ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ଅନୁଦାନ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଜବାବରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପରୋକ୍ତ ଖାଲି ପଡିଥିବା ଅଧ୍ୟାପକ ଓ କର୍ମଚାରୀ ପଦବୀ ଉପରେ ସୂଚନା ଦେବା ସହ ଭିତ୍ତିଭୂମି ଉନ୍ନତି ପାଇଁ ଦିଆଯାଇଥିବା ଅନୁଦାନ ଉପରେ କହିଥିଲେ। ସେହିପରି ବିଶ୍ୱବିଦ୍ୟାଳୟରେ କର୍ମଚାରୀ ଅଭାବ ଯୋଗୁ କାର୍ଯ୍ୟ ପ୍ରଭାବିତ ହେଉଛି। ଖାଲିପଡିଥିବା ପଦବୀ ପୂରଣ ପାଇଁ ପ୍ରତିବର୍ଷ ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହାସହ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଅନୁଯାୟୀ ଭିତ୍ତିଭୂମି ପାଇଁ ଅର୍ଥ ଯୋଗାଇ ଦିଆଯାଉଛି। ଆଇନଗତ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଦ୍ୱାରା ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ।

## ଖଇରା ଗ୍ରାମରେ ଜଳଯୋଗାଣ ବନ୍ଦ, ପାଣି ପାଇଁ ଲୋକେ ହନ୍ତସନ୍ତ

ବୋଡ଼େନ,୨୪।୨(ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକର ଖଇରା ଗ୍ରାମକୁ ବାଗବାହାଲରୁ ବସୁଧା ଯୋଜନାରେ ଜଳଯୋଗାଣ ହେଉଥିଲା। ହେଲେ ପନ୍ଦର ଦିନରୁ ଅଧିକ ହେଲା ଠିକାଦାର ଡ୍ରେନ ନିର୍ମାଣ ସମୟରେ ଅବହେଳା ଯୋଗୁ ମନ୍ଦିର ପାଖରେ ମୁଖ୍ୟ ପାଇପ କଣାହୋଇ ଫାଟି ଯିବାରୁ ଲୋକେ ପାଣି ମୁନ୍ଦାଏ ପାଇଁ ହନ୍ତସନ୍ତ ହେଉଛନ୍ତି। ପ୍ରକାଶ ଥାଉକି ଖଇରାର ସମସ୍ତ ନଳକୂପରେ ମାତ୍ରାଧିକ ଫ୍ଲୋରାଇଡ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଦୂଷିତ ପାଣି ପିଉଛନ୍ତି। ଏଣୁ ବିଭାଗୀୟ ଅଧିକାରୀ ଯଥାଶୀଘ୍ର ସମସ୍ୟାର ସମାଧାନ ନ କଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗଣମାଧ୍ୟମ ଆଗରେ ଚେତାବନୀ ଦେଇଛନ୍ତି।



ଜୈତ ସ୍ତମ୍ଭରେ ଧ୍ୱଜା ରୋହଣ ଓ ସନ୍ଥ ସମାବେଶରେ ମଞ୍ଚାସୀନ ଅତିଥି।

## ସତନାମୀ ସମାଜ ପକ୍ଷରୁ ଜୈତସ୍ତମ୍ଭରେ ଧ୍ୱଜାରୋହଣ, ସନ୍ଥ ସମାବେଶ

କୋକସରା,୨୪।୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ଗ୍ରାମରେ ସତନାମୀ ସମାଜ ପକ୍ଷରୁ ଗୁରୁ ଶ୍ରୀଶ୍ରୀ ଘାସିଦାସ ବାବାଙ୍କ ଜୈତସ୍ତମ୍ଭରେ ଧ୍ୱଜାରୋହଣ ଓ ସନ୍ଥ ସମାବେଶ କାର୍ଯ୍ୟକ୍ରମ ଦିବାରାତ୍ରୀ ଉତ୍ସବ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପୂର୍ବରୁ ସତନାମୀ ସମାଜ ପକ୍ଷରୁ ଏକ ବିରାଟ କଳସ ଯାତ୍ରା ବାହାରି ଟେମରା ଗ୍ରାମ ପରିକ୍ରମା କରିଥିଲା। ସମାଜର ଯୁବତୀ ଯୁବକମାନେ ନୃତ୍ୟ ଗୀତ ପରିବେଷଣ କରିଥିଲେ। ପରେ ଜୈତ ସ୍ତମ୍ଭରେ ଧ୍ୱଜାରୋହଣ କାର୍ଯ୍ୟକ୍ରମ ଓ ମଙ୍ଗଳପନ୍ଥି ନୃତ୍ୟ, ଆଳତି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଏମ୍‌ପି ମାଳବିକା ଦେଓ, ମୁଖ୍ୟବକ୍ତା ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଯୋଗଦେଇ ସତନାମୀ ସମାଜ ଏକ ସଙ୍ଗଠିତ ଓ ବିଚାରଧାରାର ସମାଜ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା ରାଜ୍ୟ ସତନାମୀ କଲ୍ୟାଣ ସମିତିର ସଭାପତି ଜ୍ୟୋତିଲାଲ ବଂଜାରେ, କୁଳପତି କ୍ଷେତ୍ରମୋହନ ସତନାମୀ, କଳାହାଣ୍ଡି ଜିଲାଧ୍ୟକ୍ଷ ପଦ୍ମଲୋଚନ ସତନାମୀ, ଜିଲା ସମ୍ପାଦକ ମିନିକେତନ ବର୍ଣ୍ଣ, ସମ୍ପାଦକ ଜଗତରାମ ସତନାମୀ, କୋଷାଧ୍ୟକ୍ଷ ଭଗବାନ ସତନାମୀ, ଭାଜପା ନେତା ଗୋଦାବରୀଶ ପାତ୍ର, ସୁଧୀର ପାତ୍ର, ଦୁର୍ଗା ପ୍ରସାଦ ପ୍ରଧାନୀ, ଯତୀନ୍ଦ୍ର ମାଝୀ, ପୂର୍ବତନ ସମିତି ସଭ୍ୟ ରାଜେନ୍ଦ୍ର ନାଏକ, ଅଧ୍ୟାପକ ଐରି ନାଶନ ଚିନ୍ଦା, ସତନାମୀ ସମାଜ ସମ୍ପାଦକ ବୃନ୍ଦାବନ ସତନାମୀ, ପୂର୍ବତନ ସଭାପତି ଶଙ୍କର ସତନାମୀ, ଉପଦେଷ୍ଟା ପ୍ରଭାତ ରଞ୍ଜନ ସତନାମୀ, ପୁରନ୍ଦର ସତନାମୀ, ରଞ୍ଜନ ପାଣିଗ୍ରାହୀ ମଞ୍ଚରେ ଉପସ୍ଥିତ ଥିଲେ। ମଞ୍ଚ ସଂଯୋଜନା ଶଙ୍କର ପ୍ରସାଦ ସତନାମୀ କରିଥିଲେ। କାର୍ଯ୍ୟକ୍ରମକୁ ଟେମରା ଗ୍ରାମର ସତନାମୀ ସମାଜର କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ। ଏହି ସମାବେଶରେ ଜିଲା ତଥା ପଡୋଶୀ ରାଜ୍ୟ ଛତିଶଗଡ଼ ଅଞ୍ଚଳରୁ ଶତାଧିକ ସମାଜର କର୍ମକର୍ତ୍ତା ଯୋଗ ଦେଇଥିଲେ। ରାତିରେ ମନୋରଞ୍ଜନ ପାଇଁ ଛତିଶଗଡ଼ ରାଜ୍ୟର ନାଟକ ମଞ୍ଚସ୍ଥ ହୋଇଥିଲା।

## ବିଜ୍ଞାନ ଓ ଗଣିତ କ୍ଲବ କାର୍ଯ୍ୟକ୍ରମ

ଜୟପାଟଣା,୨୪।୨(ଓମ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ରେଙ୍ଗାଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ବିଜ୍ଞାନ ଓ ଗଣିତ କ୍ଲବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ। ପ୍ରଧାନ ଶିକ୍ଷକ ଲଳିତ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟ ସଭାପତି ଉମାଶଙ୍କର ଦୀପ, ରେଙ୍ଗାଲପାଲି ସିଆରସିସି ବେଦବର ନିଆଲ, ବିମଳା ପ୍ରଧାନ ଶିକ୍ଷକ ରମାକାନ୍ତ ମାଝୀ, ଗଣିତ ଶିକ୍ଷକ ସୁଜିତ କୁମାର ସାହୁ, ବିଜ୍ଞାନ ଶିକ୍ଷୟିତ୍ରୀ ରଚିରା ନାୟକ ଓ ମୁଖ୍ୟବକ୍ତା ଭାବେ ପୋଡ଼ାଖୋଲ ସିଆରସିସି ସନ୍ତୋଷ ରଥ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଗଣିତ ଖେଳ,ଏକକ ଅଭିନୟ, ଗଣିତ ପଜଲ, ଗଣିତ ସାଧାରଣ ଜ୍ଞାନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବିଜ୍ଞାନ ମଡେଲ, ବିଜ୍ଞାନ ସମ୍ପର୍କିତ ସତ୍ୟତା, ବିଜ୍ଞାନ ସମ୍ପର୍କିତ ସାଧାରଣ ଜ୍ଞାନ, ବିଜ୍ଞାନ ଭିତ୍ତିକ ଏକକ ଅଭିନୟ ପ୍ରଦର୍ଶନ କରିବା ସହ ଛାତ୍ରୀ ଛାତ୍ରଙ୍କୁ ଆକର୍ଷିତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷକ ରଞ୍ଜନ କୁମାର ବରିହା ମଞ୍ଚ ପରିଚାଳନା କରିଥିଲେ। ସୁଜିତ କୁମାର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଶିକ୍ଷକ କୋଟେଶ୍ୱର୍ ରାଓ, ଶଶିଭୂଷଣ ଦଳପତି, ଧରିତ୍ରୀ ଦାସ, ଦିବ୍ୟସେନି ଦୁର୍ଗା, ଉପମା ବାଗ, ଉଦ୍ଧବ ବାଗ ପ୍ରମୁଖ ସହଯୋଗ କରିଥିଲେ।

## ଯଜ୍ଞ ଦ୍ୱାରା ପରିବେଶ ସନ୍ତୁଳିତ ହୋଇଥାଏ


ମହାବିଷ୍ଣୁ ଯଜ୍ଞ ନିମନ୍ତେ ଭୂମିପୂଜନ କରାଯାଉଛି।

କୋକସରା,୨୪।୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

**ମହାବିଷ୍ଣୁ ଯଜ୍ଞ ନିମନ୍ତେ ଭୂମିପୂଜନ**

ସଦ୍‌ଗୁରୁଦେବ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ଦ୍ୱାରା ପ୍ରତିଷ୍ଠିତ କାଳୀକୃଷ୍ଣ ସଂଘର ୪୨ତମ ବାର୍ଷିକ ମହାବିଷ୍ଣୁ ଯଜ୍ଞ ନିମନ୍ତେ ସାନପୋଡାଗୁଡାଠାରେ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ସଂଘର ଗୁରୁଜୀ ଜଗଦାନନ୍ଦଜୀ ମହାରାଜ ଉପସ୍ଥିତ ରହି ଭୂମି କର୍ଷଣ ଓ ଶୁଭଖମ୍ବ ସ୍ଥାପନ କରିଥିଲେ। ଯଜ୍ଞ ଦ୍ୱାରା ପରିବେଶ ସନ୍ତୁଳିତ ହୋଇଥାଏ, ଯଜ୍ଞ ମାଧ୍ୟମରେ ପୃଥିବୀ ଶସ୍ୟ ଶ୍ୟାମଳା ହୋଇଥାଏ ଓ ସମଗ୍ର ଜୀବଜଗତରେ ଶାନ୍ତି, ମୈତ୍ରୀ ଓ ସଦଭାବ ସୃଷ୍ଟି ହୋଇଥାଏ ବୋଲି ସେ କହିଥିଲେ। ସଂଘର ବେଦବ୍ରହ୍ମା ଶ୍ରୀସରୋଜାନନ୍ଦଜୀ ବୈଦିକ ବିଧି ବିଧାନରେ ପୂଜନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରୀସଦାନନ୍ଦ, ଶ୍ରୀଅଭୟାନନ୍ଦ, ଶ୍ରୀତୋଷାନନ୍ଦ, ଶ୍ରୀଶୋଭାନନ୍ଦ, ଶ୍ରୀପ୍ରେମାନନ୍ଦ ସହଯୋଗ କରିଥିଲେ। କାଳୀକୃଷ୍ଣ ସଂଘର ସଭାପତି ସଞ୍ଜୟ କୁମାର ପଣ୍ଡା ଓ ତାଙ୍କ ସ୍ତ୍ରୀ ସରିତା ପଣ୍ଡା ଯଜମାନ ଭାବରେ କାର୍ଯ୍ୟ ସମ୍ପାଦିତ କରିଥିଲେ। ଆଗାମୀ ମାର୍ଚ୍ଚ ୨୮, ୨୯, ୩୦ ଓ ୩୧ ତାରିଖରେ ମହାବିଷ୍ଣୁ ଯଜ୍ଞ ଆୟୋଜିତ ହେବା ସହ ନିଶୁଳ୍କ ସଂସ୍କାର କାର୍ଯ୍ୟକ୍ରମ, ଘୃତଯଜ୍ଞ, ଅନ୍ନଯଜ୍ଞ, ଜ୍ଞାନଯଜ୍ଞ, ଜଳଯଜ୍ଞ, ସେବାଯଜ୍ଞ ଅନୁଷ୍ଠିତ ହେବ। ଭୂମିପୂଜନ କାର୍ଯ୍ୟକ୍ରମରେ ମୁଖ୍ୟସଂଘ କାର୍ଯ୍ୟକର୍ତ୍ତା, ବିଭିନ୍ନ ଶାଖା ସଂଘ ଓ ଗ୍ରାମର ଶିଷ୍ୟାଶିଷ୍ୟ ଓ ଶୁଭେଚ୍ଛୁ ଉପସ୍ଥିତ ରହିଥିଲେ। ସାନପୋଡାଗୁଡା ଗ୍ରାମର ଶିଷ୍ୟାଶିଷ୍ୟ ଓ ଜନସାଧାରଣ ଭୂମିପୂଜନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ

ଖଡ଼ିଆଳ,୨୪।୨(ସୁଜିତ କୁମାର ପ୍ରଧାନ)



ଝିଅ ପାଇଁ ଗଛଟିଏ ଓ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଖୁଦପେଜ ଗ୍ରାମ ପଞ୍ଚାୟତ ପରିସରରେ ଝିଅ ପାଇଁ ଗଛଟିଏ ଓ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଉପଜିଲାପାଳ ଯୋଗେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସଭାରେ ଜିଲା ପ୍ରକଳ୍ପ ଅଧିକାରୀ ଲମ୍ବୋଦର ଧରୁଆ, ଖଡ଼ିଆଳ ବିଡିଓ ନରସିଂ ଗଡ଼ବା, ପ୍ରକଳ୍ପ ଅଧିକାରୀ ନମିତା ପାଢ଼ୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମିନା କୁମାରୀ ଅଗ୍ରୱାଲ,ଖୁଦପେଜ ସରପଞ୍ଚ ଯଶୋଦା ଶତପଥୀ, ସମିତି ସଭ୍ୟ ଧନମତି ମାଝୀ, ମହିଳା ପରିଦର୍ଶିକା ତୁଳସୀଲତା ରାଉତ, ଏଏନ୍‌ଏମ ଆରତୀ ନାଏକ ଯୋଗଦାନ କରି ଝିଅ ପାଇଁ ଗଛଟିଏ ଓ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ସତ୍ୟଭାମା ଶତପଥୀ, କାଳିନ୍ଦ୍ରୀ କଟା, ଉମାମଣି ମାଝୀ, ନିଳେନ୍ଦ୍ରି ମାଝୀ, ସୁନିତା ନାଏକ, ଯଶୋବନ୍ତି କଟା, ଗୀତାଞ୍ଜଳି ଭୋଇ, ବିଷ୍ଣୁପ୍ରିୟା ମାଝୀ, ଜ୍ୟୋତ୍ସ୍ନା ସୁନାନୀ ଉପସ୍ଥିତ ଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନୂଆପଡ଼ା,୨୪।୨(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସମରସିଂ ପଞ୍ଚାୟତ ଟେଙ୍ଗନାବସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱଦେବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ନୂଆପଡା ଜିଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି, କୋମନା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଳମତ ମାଝି, ରାଧାକାନ୍ତ ତାଣ୍ଡି, ସିଆରସିସି ଶରତ କୁମାର ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଟଙ୍କଧର ଜଗତ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷା କ୍ଷେତ୍ରରେ, ଆଲୁମିନା ତଥା କ୍ରୀଡା କ୍ଷେତ୍ରରେ ଶ୍ରେଷ୍ଠ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁରୁମପୁରି ସାଧନା କେନ୍ଦ୍ରର ୧୪ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଓ ଏଫଏଲଏନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ପ୍ରେମଲାଲ ସତନାମୀ ମଞ୍ଚ ପରିଚାଳନା କରିଥିବାବେଳେ ସନ୍ଦୀପ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ଯାତିତ ଦାଦନ ଶ୍ରମିକ ଉଦ୍ଧାର ପାଇଁ ଭିଡ଼ିଓ ବାର୍ତ୍ତା

ନୂଆପଡ଼ା,୨୪।୨ (ମକାରୁ ବେମାଲ)


ଶ୍ରମିକ ଭିଡିଓ ବାର୍ତ୍ତାରେ ଜଣାଉଛନ୍ତି।

ନୂଆପଡା ଜିଲାରେ ଦାଦନ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ଯାଇ ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହେଉଛି। ସୋମବାର କୋମନା ଥାନା ଟିକ୍ରାପଡା ଗାଁର ଜଣେ ଯୁବକଙ୍କୁ ଜିଲା ଶ୍ରମ ବିଭାଗ ଉଦ୍ଧାର କରିଥିବାବେଳେ ପୁଣି ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଖଡିଆଳ ବ୍ଲକ ଲାଞ୍ଜି ପଞ୍ଚାୟତ ମନ୍ତ୍ରୀତରାଇ ଗାଁ,ବୋଡେନ ବ୍ଲକ ଲର୍କା ପଞ୍ଚାୟତ କୃତଗୁମା ଗାଁର ୧୬ ଜଣ ଓ କୋମନା ବ୍ଲକ ରଜନା ଗାଁର ୧୦ ଜଣ ମୋଟ ୨୬ ଜଣ ଶ୍ରମିକ ନିର୍ଯାତନାର ଶିକାର ହେଉଛନ୍ତି, ଉଦ୍ଧାର କରି ନିଜ ଭିଟାମାଟିକୁ ଫେରାଇ ଆଣିବାକୁ ଭିଡିଓ ବାର୍ତ୍ତାରେ ଜଣାଇଛନ୍ତି। ସେଥିରେ କୁହାଯାଇଛି, ହାଇଦ୍ରାବାଦର କର୍ଣ୍ଣୋଲ ଜିଲା ଏମ.ରୋଡ ଗାଁ ଏସବିଆଇ କମ୍ପାନୀକୁ ଇଟା ତିଆରି କରିବା ପାଇଁ ଆସିଥିଲେ। ଇଟା ଭାଟି ମାଲିକ ରେଙ୍ଗା ରାଓ ଓ ଶିବା ରାଓ ବହୁତ ହଇରାଣ କରୁଛନ୍ତି। ଦିନ ରାତି କାମରେ ଖଟାଉ ଥିବାରୁ ଠିକ ଭାବରେ ଖାଇ କିମ୍ବା ଶୋଇପାରୁ ନାହିଁ। ତାହା ସହ ଖାଇବା ଖର୍ଚ୍ଚ ମଧ୍ୟ କମ ଦେଉଥିବାରୁ ପେଟ ପୁରା ଖାଇପାରୁ ନାହିଁ। ଏହା ଉପରେ ପ୍ରତିବାଦ କଲେ ନିସ୍ଠୁର ମାଡ ମାରୁଛନ୍ତି। ଏ ସଂକ୍ରାନ୍ତରେ ଜିଲା ଅତିରିକ୍ତ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକଙ୍କୁ ପଚାରିବାରୁ ଆମ ପାଖକୁ କୌଣସି ଅଭିଯୋଗ ଆସି ନାହିଁ । ଆସିଲା ପରେ ତାହାର ବିଚାର କରାଯିବ ବୋଲି କହିଥିଲେ।

## ଭବାନୀପାଟଣା ବିକାଶ ଡିଗ୍ରୀ କଲେଜରେ 'ଭିଫେଷ୍ଟ'

ଭବାନୀପାଟଣା,୨୪।୨(ଉତ୍ତମ କୁମାର ଦାଶ)


ଭିଫେଷ୍ଟ ସମାରୋହରେ ଅତିଥିଗଣ।

କଳାହାଣ୍ଡି ଜିଲା ଭବାନୀପାଟଣା ବିକାଶ ଡିଗ୍ରୀ କଲେଜରେ ସୋମବାର 'ଭିଫେଷ୍ଟ' ୨୦୨୪-୨୫ ତିନି ଦିନିଆ ବାର୍ଷିକ ଟେକଫେଷ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ବିଶିଷ୍ଟ ଅତିଥି ଭବାନୀପାଟଣା ସରକାରୀ ଇଞ୍ଜିନିୟରିଂ କଲେଜ ଷ୍ଟାର୍ଟଅପ ମୁଖ୍ୟ ଏଲ.ପି. ପଣ୍ଡା, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ, ଡି. ଶ୍ୟାମ, ଡି.ରାମ କୁମାର (ନିର୍ଦ୍ଦେଶକ, ଭିଜିଆଇ), ଡି. ବିଜୟା (ଶିକ୍ଷା ଦାୟିତ୍ୱରେ, ଭିଜିଆଇ), ଡି.ପଦ୍ମିନୀ (ପରିଚାଳନା କମିଟି ସଦସ୍ୟା, ଭିଜିଆଇ), ଏସଆଇଆଇଏମ ଅଧ୍ୟକ୍ଷ ଡ. ସୁଦୀପ୍ତ କୁମାର ଜେନା, ବିକାଶ ମହାବିଦ୍ୟାଳୟର ଅଧ୍ୟକ୍ଷ ଆଦିତ୍ୟ କୁମାର ପଟ୍ଟନାୟକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ମହାପ୍ରବନ୍ଧକ ଗୁପ୍ତେଶ୍ୱର ଖୁଣ୍ଟିଆ ଓ ପିଆରଓ ଅମୀୟ ମହାନ୍ତି ମିଳିତ ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ଏକ ଇଣ୍ଡୋର୍ କ୍ରୀଡା କମ୍ପ୍ଲେକ୍ସ ଅତିଥିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ପ୍ରଥମ ଦିନରେ ପୋଷ୍ଟର ଉପସ୍ଥାପନା, ପାୱାରପଏଣ୍ଟ ଉପସ୍ଥାପନା, ମଡେଲ ପ୍ରଦର୍ଶନୀ ଓ ଷ୍ଟାର୍ଟଅପ ପିଚ ସମେତ ଅନେକ ପ୍ରତିଯୋଗିତା ହୋଇଥିଲା। ଯାହାଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ନବସୃଜନ ଓ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା। ସନ୍ଧ୍ୟାରେ ପ୍ରସିଦ୍ଧ ସମ୍ବଲପୁରୀ ଗାୟକ ଅମର ଦାଶଙ୍କ ଦ୍ୱାରା ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଫେଷ୍ଟର ଗୌରବ ବୃଦ୍ଧି କରିବା ସହିତ, ବିଭିନ୍ନ ପ୍ରତିଯୋଗିତାରେ ଉତ୍କର୍ଷ ହାସଲ କରିଥିବା ଆଇଆଇଟି ହାଇଦ୍ରାବାଦ ଓ ଆମିଟି ବିଶ୍ୱବିଦ୍ୟାଳୟ ରାଞ୍ଚିରେ ଆଇଡିଇ ବୁଟ କ୍ୟାମ୍ପରେ ସଫଳତାର ସହିତ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହିତ ସମ୍ମାନିତ କରାଯାଇଥିଲା।

# ପୌର ପରିଷଦ ବୈଠକକୁ ଆସିଲେନି ୧୪ ବିଭାଗର ଅଧିକାରୀ



ବୈଠକରେ ଉପସ୍ଥିତ ପୌରାଧକ୍ଷା ଏବଂ କାଉନସିଲରବୃନ୍ଦ।

- ବିଜେଡି ଦଖଲରେ ପୌର ପରିଷଦ
- ଶାସକ ଭାଜପା ନେତାଙ୍କ ଚାପ ଚର୍ଚ୍ଚା
- ବୈଠକ ବର୍ଜନ କଲେ କାଉନସିଲର୍
- ଅଭିଯୋଗକୁ ଖଣ୍ଡନ କଲା ଭାଜପା

**ବରଗଡ଼,୨୪।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦର କାଉନସିଲ ବୈଠକ ସୋମବାର ରହିଥିଲା। ନିର୍ଦ୍ଧାରିତ ସମୟରେ ବୈଠକକୁ ପୌରାଧକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲଙ୍କ ସମେତ ସମସ୍ତ କାଉନସିଲରବୃନ୍ଦ ଏବଂ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ ପହଞ୍ଚିଥିଲେ। କିନ୍ତୁ ଉକ୍ତ ବୈଠକରେ ଯୋଗଦେବା ପାଇଁ ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ, ଯୋଗାଣ ଆଦି ୧୪ବିଭାଗର ଅଧିକାରୀଙ୍କୁ ଯୋଗଦେବା ପାଇଁ ପୌର ପରିଷଦ ପକ୍ଷରୁ ଚିଠି କରାଯାଇଥିଲା। ମାତ୍ର ପୌର ପରିଷଦର ସେହି ଚିଠିକୁ ଅଣଦେଖା କରି ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ କୌଣସି ବିଭାଗର ଅଧିକାରୀ ଯୋଗ ନ ଦେବା ଚର୍ଚ୍ଚାର ବିଷୟ ହୋଇଛି। ଦୀର୍ଘ ସମୟ ଅପେକ୍ଷା ସତ୍ତ୍ୱେ ଅଧିକାରୀମାନେ ନ ଆସିବାରୁ କାଉନସିଲରମାନେ ଉଠିଯାଇ ବୈଠକକୁ ବର୍ଜନ କରିଥିଲେ। ଉକ୍ତ ପୌର ପରିଷଦ ବିଜେଡି ଦଖଲରେ ଥିବାବେଳେ ଏବେ ରାଜ୍ୟର ଶାସକ ଦଳ ଅର୍ଥାତ୍ ଭାଜପା ନେତାଙ୍କ ଚାପରେ ଅଧିକାରୀମାନେ ବୈଠକକୁ ଆସି ନ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଅନ୍ୟପଟେ ଭାଜପା ଜିଲା ସଭାପତି ଡା. ଅରୁପାନନ୍ଦ ସାହୁଙ୍କୁ ପଚାରିବାରୁ ତାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ସୋମବାର ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରହିଥିଲା। ସେଠାରେ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଯେହେତୁ ପ୍ରତି ସୋମବାର ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରହିଥାଏ, ପୌର ପରିଷଦର କାଉନସିଲ ବୈଠକ ଅନ୍ୟଦିନ ରଖାଯିବାର ଥିଲା। କାଉନସିଲ ବୈଠକରେ ଯୋଗ ନ ଦେବା ପାଇଁ କୌଣସି ଅଧିକାରୀଙ୍କୁ ଭାଜପା ପକ୍ଷରୁ ଚାପ ପ୍ରୟୋଗ କରାଯାଇ ନାହିଁ ବୋଲି ଡା. ସାହୁ କହିଥିଲେ।

ସୂଚନା ଅନୁଯାୟୀ, ପ୍ରତି ୨/୩ ମାସ ବ୍ୟବଧାନରେ ପୌର ପରିଷଦର କାଉନସିଲ ବୈଠକ ହୋଇଥାଏ। ଏଥିରେ ପୌର ପରିଷଦର ପୌରାଧକ୍ଷ, ଉପାଧ୍ୟକ୍ଷ, କାଉନସିଲରବୃନ୍ଦ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଜିଲାର ପ୍ରମୁଖ ବିଭାଗଗୁଡ଼ିକର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ରହିଥାନ୍ତି। କାଉନସିଲରବୃନ୍ଦ ମଧ୍ୟ ସେମାନଙ୍କ ୱାର୍ଡର ସମସ୍ୟା, ଲୋକଙ୍କ ଅଭିଯୋଗ ବୈଠକରେ ଉପସ୍ଥାପନ କରିଥାନ୍ତି। ତାକୁ ଦୃଷ୍ଟିରେ ରଖି ପୌରାଞ୍ଚଳର ବିକାଶ ତଥା ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ପ୍ରସ୍ତାବ ନିଆଯାଇ ସେଗୁଡ଼ିକୁ ଗୃହୀତ କରାଯାଇଥାଏ। ଏହି କ୍ରମରେ କାଉନସିଲ ବୈଠକ ପାଇଁ ଗତ ୧୭ତାରିଖରୁ ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ ସୋମବାରର କାଉନସିଲ ବୈଠକ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଯୋଗଦେବା ପାଇଁ ଜିଲାର ୧୪ବିଭାଗର ଅଧିକାରୀଙ୍କୁ ପୌର ପରିଷଦ ପକ୍ଷରୁ ଚିଠି କରାଯାଇଥିଲା। ଏହି କ୍ରମରେ ବୈଠକକୁ ପୌରାଧକ୍ଷା, ଉପାଧ୍ୟକ୍ଷ, କାଉନସିଲରବୃନ୍ଦ ଏବଂ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆସିଥିଲେ। କିନ୍ତୁ ବୈଠକକୁ କୌଣସି ବିଭାଗର ଅଧିକାରୀମାନେ ଆସି ନ ଥିଲେ। ବହୁ ବିଳମ୍ବରେ କେବଳ ପଶୁ ସମ୍ପଦ ଏବଂ ଯୋଗାଣ ବିଭାଗର କର୍ମଚାରୀ ପହଞ୍ଚିଥିଲେ। ତେବେ ପୌର ପରିଷଦର କାଉନସିଲ ବୈଠକକୁ ଅଧିକାରୀଙ୍କ ସେଭଳି ଅଣଦେଖାକୁ ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା ଏବଂ ଶେଷରେ କାଉନସିଲରମାନେ ବୈଠକରୁ ଉଠି ଚାଲି ଯାଇଥିଲେ।

ଏ ସମ୍ପର୍କରେ ପୌରାଧକ୍ଷା କହିଛନ୍ତି, ବୈଠକ ନେଇ ବହୁ ପୂର୍ବରୁ ସମସ୍ତ ବିଭାଗକୁ ଚିଠି କରାଯାଇଥିଲା। ଆଗରୁ ବୈଠକଗୁଡ଼ିକୁ ଅଧିକାରୀମାନେ ଆସୁଥିଲେ। କିନ୍ତୁ ଆଜି ଯେଭଳି ପରିସ୍ଥିତି ଉପୁଜିଛି, ତାହା କେବେ ଦେଖାଯାଇ ନ ଥିଲା। ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ନିଆଯାଇ ତାକୁ ଗୃହୀତ କରାଯାଏ। ଆଗକୁ ଗ୍ରୀଷ୍ମ ଆସୁଛି। ପାନୀୟଜଳ ଏବଂ ବିଦ୍ୟୁତ ସମସ୍ୟା ଯେଭଳି ଦେଖା ନ ଯିବ, ତାକୁ ଏହି ବୈଠକରେ ପ୍ରାଥମିକତା ଦେଇ ଆଲୋଚନା କରାଯିବାର ଥିଲା। କିନ୍ତୁ ଅଧିକାରୀମାନେ ଆସିଲେ ନାହିଁ। ଜିଲାପାଳଙ୍କୁ ଫୋନ୍ ଯୋଗେ ଜଣାଇ ସାରିଛି। ବୈଠକକୁ ଆସି ନ ଥିବା ଅଧିକାରୀଙ୍କ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ ଏବଂ ଜିଲାପାଳ ନିଶ୍ଚିତଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଆଶା କରୁଛି ବୋଲି ପୌରାଧକ୍ଷା ମାଝି କହିଛନ୍ତି। ସେହିପରି ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସାହୁ କହିଛନ୍ତି, ୧୭ତାରିଖରୁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ବୈଠକରେ ଉପସ୍ଥିତ ରହିବା ପାଇଁ ଚିଠି କରାଯାଇଥିଲା। ସମସ୍ତେ ଚିଠି ଗ୍ରହଣ ମଧ୍ୟ କରିଥିଲେ। କିନ୍ତୁ ସେମାନେ କାହିଁକି ଆସିଲେ ନାହିଁ, ସେ ଉପରେ କହି ପାରିବି ନାହିଁ। ଏ ନେଇ ଜିଲାପାଳଙ୍କୁ ଜଣାଇବି ଏବଂ କାଉନସିଲ ବୈଠକରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ। ୱାର୍ଡ ନଂ-୧୪ର କାଉନସିଲର ମିତୁ ମାହାଣା କହିଛନ୍ତି, ନୂଆଁ ସରକାର ଆସିବା ପରେ ମିଳିମିଶି କାମ କରିବା ବୋଲି କହିଥିଲେ। କିନ୍ତୁ ଏବେ ଏଭଳି ଜରୁରୀ ବୈଠକକୁ ଅଧିକାରୀମାନେ ନ ଆସିବା ଦୁର୍ଭାଗ୍ୟଜନକ। ବୈଠକରେ ଉପସ୍ଥାପନ କରିବା ପାଇଁ ମୁଁ ଲୋକଙ୍କ ଅନେକ ସମସ୍ୟା ଧରି ଆସିଥିଲି। ହେଲେ ଏବେ ଲୋକଙ୍କୁ କ'ଣ ଉତ୍ତର ଦେବି, ତାହା ଭାବିପାରୁ ନାହିଁ।

## ତେଲଙ୍ଗାନାରୁ ୧୭ ଦାଦନ ଶ୍ରମିକ ଉଦ୍ଧାର



ବରଗଡ଼ ରେଳଷ୍ଟେଶନରୁ ଶ୍ରମିକମାନେ ନିଜ ଘରକୁ ଫେରୁଛନ୍ତି।

**ପାଇକମାଳ,୨୪।୨(ବଢ଼ ଶତପଥୀ)**

ତେଲଙ୍ଗାନାରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ବରଗଡ଼ ଜିଲା ପାଇକମାଳ ଥାନା କାଂସଢା ପଞ୍ଚାୟତ ଢେଙ୍କିମୁଣ୍ଡା ଚୁହୂରିପଡ଼ାର ୧୭ଜଣଙ୍କୁ ଉଦ୍ଧାର କରାଯାଇଛି। ସୋମବାର ସମସ୍ତ ଶ୍ରମିକ ନିଜ ଭିଟା ମାଟିକୁ ଫେରିଛନ୍ତି। ସେମାନେ ହେଲେ ଲବ ବାଗ, ସୁମିତ୍ରା ବାଗ, ନିଳାମ୍ବର ବାଗ, ପୂର୍ଣ୍ଣିମା ବାଗ, ସୁବାଷ ବାଗ, ସୀମା ବାଗ, ପ୍ରତୀମା ସୁନା, ଦିବ୍ୟାସିଂ ବାଗ, ସୁନୀଲ ତାଣ୍ଡି, ମେଘନାଦ ବାଗ, ଦେବକୀ ବାଗ, ଭରତ ବାଗ, ଶରତ ବାଗ, ଅଶୋକ ବାଗ,ବାଇଟ ଭୂଏ, ନନ୍ଦିନୀ ଭୂଏ, ସୁହନ ଭୂଏ। ପ୍ରକାଶ ଯେ, ଚୁହୂରିପଡ଼ାରେ କୌଣସି କାମଧନ୍ଦା ନମିଳିବାରୁ ସମସ୍ତ ଶ୍ରମିକ ତେଲେଙ୍ଗାନା ଯାଇଥିଲେ। ତେଲଙ୍ଗାନା ରାଜ୍ୟର ପଠାନଚେରୁ ନିକଟସ୍ଥ ରାମେଶ୍ୱରଭଣ୍ଡ ଗ୍ରାମର ଏକ ଇଟା ଭାଟିରେ ଶ୍ରମିକମାନେ ପ୍ରାୟ ତିନି ମାସ ହେବ କାମ କରୁଥିଲେ। ସେଠାରେ ଦିନ ରାତି ଅକ୍ଳାନ୍ତ ପରିଶ୍ରମ କଲେ ମଧ୍ୟ ସମ୍ପୃକ୍ତ ଇଟାଭାଟି ମାଲିକ ଶ୍ରମିକମାନଙ୍କୁ ଆହୁରି କାମ କରିବାକୁ କହିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏହି ଘଟଣା ନେଇ ଶ୍ରମିକମାନେ ଜାମସେଠ ଅଞ୍ଚଳର ଯୁବ ସାମାଜିକକର୍ମୀ ଆଇନ ଛାତ୍ର ସୁଜନ ବାଗ୍‌ଙ୍କୁ ଫୋନ ଯୋଗେ ଜଣାଇଥିଲେ। ସୁଜନ ବାଗ୍ ହାଇଦ୍ରାବାଦ ଶ୍ରମିକ କମିଶନରଙ୍କ ସହିତ କଥା ହୋଇଥିଲେ ଏବଂ ସମସ୍ତ ଶ୍ରମିକମାନଙ୍କୁ ଓଡ଼ିଶାକୁ ପଠାଇଦେବାକୁ କହିଥିଲେ। ସଙ୍ଗାରେଡି ଜିଲାର ଶ୍ରମିକ ଅଧିକାରୀ ରବିନ୍ଦ୍ର ରେଡି ଇଟା ଭାଟିକୁ ଯାଇ ସମସ୍ତ ଶ୍ରମିକମାନଙ୍କୁ ଉଦ୍ଧାର କରି ଓଡ଼ିଶାକୁ ପଠାଇଥିଲେ। ବରଗଡ଼ ରେଳଷ୍ଟେଶନରୁ ସୋମବାର ଶ୍ରମିକମାନେ ନିଜ ଘରକୁ ପହଞ୍ଚିଥିବା ଜଣାଯାଇଛି। ଏଥିପାଇଁ ଅଞ୍ଚଳବାସି ସୁଜନ ବାଗ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କ୍ରିକେଟ୍: ଡୁମ୍ରେରପାଲି ଚାମ୍ପିୟନ

**ବରଗଡ଼,୨୪।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଲୁରୁପାଲି ସମଲେଶ୍ୱରୀ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଏକ ଦିବସୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଡଙ୍ଗର୍ଲା, ଡୁମ୍ରେରପାଲି, କୁଲୁଣ୍ଡା, ନାଗେନପାଲି, ଡଡଙ୍ଗାପାଲି, କୁମେଲସିଂହା, ଗୋଲକନଗର ଏବଂ ଗୁର୍ଖପାଲି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ଡୁମ୍ରେରପାଲି ଏବଂ ଡଙ୍ଗର୍ଲା ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଡଙ୍ଗର୍ଲା ଦଳ ନିର୍ଦ୍ଧାରିତ ଓଭରରେ ୫୫ରନ୍ ସଂଗ୍ରହ କରିଥିଲା। ଜବାବରେ ଡୁମ୍ରେରପାଲି ଦଳ ୩ ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ପୂରଣ ସହିତ ଚାମ୍ପିୟନ ହୋଇଥିଲା। ଡୁମ୍ରେରପାଲି ଦଳର ବବଲୁ ସାହୁ ମ୍ୟାନ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। ଅନ୍ତର୍ଜାତୀୟ ମାଷ୍ଟର କ୍ରୀଡ଼ାବିତ୍ ସନ୍ତୋଷ କୁମାର ପ୍ରଧାନ ମୁଖ୍ୟଅତିଥି, ମନୋଜ କୁମାର ମହାନନ୍ଦ, ଭାଗବତିଆ ଦୀପ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ କୃତୀ ଦଳ ଏବଂ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସମଲେଶ୍ୱରୀ ସ୍ପୋର୍ଟ୍ସ ଆସୋସିଏଶନର ସମସ୍ତ କର୍ମକର୍ତ୍ତା, ସଦସ୍ୟ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ପୁରସ୍କାର ବିତରଣି ସମାରୋହରେ ଅତିଥିବୃନ୍ଦ।



ବରଗଡ଼ କାରାଗାରରେ ଚାଲିଥିବା ନିଶାମକ୍ତି ଅଭିଯାନ।

## ନିଶାମୁକ୍ତି ଶପଥ ପାଠକଲେ ଅନ୍ତେବାସୀ

**କାରାଗାରରେ ବରଗଡ଼ ମହିଳା ସମିତିର ଅଭିନବ କାର୍ଯ୍ୟକ୍ରମ**

**ବରଗଡ଼,୨୪।୨(ପ୍ରେମାନନ୍ଦ ଖମାରୀ)**

ଜେଲ ସମୟକୁ ଜୀବନର ମୂଲ୍ୟବାନ ସମୟ ଭାବି ଏହାର ସଦୁପଯୋଗ କରିବା ସାଙ୍ଗକୁ ନିଶାମୁକ୍ତ ସମାଜ ଗଠନରେ ନିଜକୁ ସାମିଲ କରିବା ପାଇଁ ବରଗଡ଼ ଜିଲା କାରାଗାର ଅନ୍ତେବାସୀମାନେ ସୋମବାର ଶପଥ ପାଠ କରିଛନ୍ତି। ଏହି କ୍ରମରେ ସୋମବାର ନିଶାମୁକ୍ତ ବରଗଡ଼ ଅଭିଯାନ ସ୍ୱରୂପ ବରଗଡ଼ ମହିଳା ସମିତି ପକ୍ଷରୁ ସ୍ଥାନୀୟ ଜିଲା କାରାଗାରରେ ଅନ୍ତେବାସୀଙ୍କ ଗହଣରେ ଏକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ସମିତିର ସଭାନେତ୍ରୀ ହର୍ଜନ୍ଦର କୌର ଅଧକ୍ଷତା କରିଥିଲେ। ଶିକ୍ଷାବିତ୍ ସଙ୍ଗୀତା ପଣ୍ଡା ଷଡ଼ଙ୍ଗୀ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ କାରାଗାରର ବନ୍ଦୀମାନଙ୍କୁ ନିଶାମୁକ୍ତ ଅଭିଯାନରେ ସାମିଲ କରି ନିଶାଠୁ ଦୂରେଇ ରଖିବା, ପରିବାର ପ୍ରତି ସମର୍ପିତ ହେବା ସଙ୍ଗେସଙ୍ଗେ ନୂଆ ସମାଜ ଏବଂ ଦେଶ ଗଠନରେ ହାତ ବଢ଼ାଇବା ପାଇଁ ମହିଳା ସମିତିର ଏଭଳି ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ। ବରପାଲି ମହିଳା ସମିତିର କିରଣ ଅଗ୍ରୱାଲ, ସନ୍ତୋଷ ଅଗ୍ରୱାଲ, ବରିଷ୍ଠ ଖବରଦାତା ପ୍ରସନ୍ନ କୁମାର ମିଶ୍ର, ସର୍ଦ୍ଦାର ପ୍ରୀତମ ସିଂ ପ୍ରମୁଖ ସମ୍ମାନିତ ବକ୍ତାଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜେଲ ଅଧୀକ୍ଷକ ସଲମାନ କୁଜୁର୍ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ତେବାସୀଙ୍କ ପକ୍ଷରୁ ଅମିତ କୁମାର ଦାସ ସ୍ୱରଚିତ କବିତା ପାଠ କରିଥିଲେ। ସମିତିର ମନ୍ଦାକିନୀ ପତି, ରାଧାରାଣୀ ମିଶ୍ର, ସୁଜାତା ପଣ୍ଡା ପ୍ରମୁଖ ନିଶାମୁକ୍ତ, ଶୃଙ୍ଖଳିତ ଜୀବନଯାପନ ପାଇଁ ଆହ୍ୱାନ କରିଥିଲେ। ଗୀତା ମିଶ୍ର, କନକ ପ୍ରଧାନ, ଶୈବାଳିନୀ ପଣ୍ଡା, ଜୟନ୍ତୀ ପ୍ରଧାନ, ଜୟଗୀତା ପଣ୍ଡା, ମନ୍ଦାକିନୀ ପତି, ପଦ୍ମିନୀ ପ୍ରଧାନ, ଗୀତାଞ୍ଜଳି ପାଣିଗ୍ରାହୀ, ସସ୍ମିତା ପଟ୍ଟନାୟକ, ସରିତା ଦାସ ପ୍ରମୁଖ ସାମିଲ ଥିଲେ। ଅଞ୍ଜନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସମସ୍ୟାର ତ୍ୱରିତ ସମାଧାନ କର

**ଅଧିକାରୀଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶ**

**ବରଗଡ଼,୨୪।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭେଡ଼େନ ପଞ୍ଚାୟତ ସମିତି ସଭାକକ୍ଷରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପ୍ରହ୍ଲାଦ ସହାୟ ମୀନା ପ୍ରମୁଖ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟଜଳ ଯୋଗାଣ, ରାଶନ କାର୍ଡ଼, ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ୬୨ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୪୫ ବ୍ୟକ୍ତିଗତ ଏବଂ ୧୭ସାମୂହିକ ଅଭିଯୋଗ ରହିଥିଲା। ସେଥିରୁ ଗୋଟିଏ ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିପରି ଅନ୍ୟ ସମସ୍ତ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରୁପମା ଷଡ଼ଙ୍ଗୀ, ବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀବୃନ୍ଦ।

## ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ

**୧୨.୭୯ କୋଟି ଟଙ୍କାରେ ହେବ ରଙ୍ଗମହଲ**

**ବରଗଡ଼,୨୪।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଇଁ ନୂତନ ରଙ୍ଗ ମହଲ ନିର୍ମାଣ ହେବ। ୧୨.୭୯ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି ପ୍ରକଳ୍ପକୁ ସରକାରୀ ଅନୁମୋଦନ ମିଳିସାରିଛି। ସ୍ଥାନୀୟ ନିଶାମଣି ସ୍କୁଲ ପଡ଼ିଆ ପଛପଟ ସରକାରୀ ବସଷ୍ଟାଣ୍ଡ ପରିସରରେ ରହିଥିବା ପଡ଼ିଆରେ ଏହା ନିର୍ମାଣ କରିବାକୁ ପରିକଳ୍ପନା ଚାଲିଛି। ଏହି କ୍ରମରେ ରବିବାର ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅରୁଣ ପାଣ୍ଡେ ସମ୍ପୃକ୍ତ ଜାଗା ପରିଦର୍ଶନ କରିଛନ୍ତି। ନୂତନ ରଙ୍ଗ ମହଲ ନିର୍ମାଣ ପାଇଁ ପାଖାପାଖି ୬୦ଡେସିମିଲ ଜମିର ଆବଶ୍ୟକତା ରହିଛି। ଏହି ପ୍ରକଳ୍ପ ପର୍ଯ୍ୟଟନ ବିଭାଗ ଅଧିନରେ ଆସୁଥିବା ଯୋଗୁ ନୂତନ ରଙ୍ଗ ମହଲ କେଉଁଠାରେ ନିର୍ମାଣ କରାଯିବ, ତାହା ଚୂଡ଼ାନ୍ତ ହୋଇନାହିଁ ଏବଂ ଜାଗା ଚିହ୍ନଟ ପ୍ରକ୍ରିୟା ଚାଲିଥିବା ପାଣ୍ଡେ କହିଛନ୍ତି। ସେହିପରି ନୂତନ ରଙ୍ଗମହଲର ନିର୍ମାଣ କାର୍ଯ୍ୟ ଅତିଶୀଘ୍ର ଆରମ୍ଭ ହେବ ବୋଲି ଜିଲାପାଳ ଗୋୟଲ ପ୍ରକାଶ କରିଛନ୍ତି।

## ଗ୍ରୀଞ୍ଜାଲରେ ଆର୍ଯ୍ୟସମାଜର ବାର୍ଷିକୋତ୍ସବ

**ସୋହେଲା ୨୪।୨(ଅଶ୍ୱିନୀ କୁମାର ପାତ୍ର):** ବରଗଡ଼ ଜିଲା ସୋହେଲା ବ୍ଲକ ସୀମାନ୍ତ ଗ୍ରୀଞ୍ଜାଲରେ ଆର୍ଯ୍ୟସମାଜର ୩୦ ତମ ବାର୍ଷିକୋତ୍ସ ଦୁଇଦିନ ଧରିଅନୁଷ୍ଠିତ ହୋଇଯାଇଛି। ଶନିବାର ସକାଳ ୯ଟାରେ ଏଥିପାଇଁ କଳସ ଯାତ୍ର କରାଯାଥିଲା। ଡୋଳାମଣି ବାରିକ ତାଙ୍କ ସ୍ତ୍ରୀ ସୌଦାମିନୀ ବାରିକ, ଗୋରାଚାନ୍ଦ ବଣିଆ ତାଙ୍କ ସ୍ତ୍ରୀ ମନୋରମା, ସୂର୍ଯ୍ୟ କୁମାର ସେଠ ତାଙ୍କ ସ୍ତ୍ରୀ ଯଶୋଦା ସେଠ, ତେଜମଣି ଭୋଇ ତାଙ୍କ ସ୍ତ୍ରୀ ଦିପ୍ତୀମୟୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବୃହସ୍ପତି ଶାସ୍ତ୍ରୀ ଏବଂ ପୁରନ୍ଦର ଶାସ୍ତ୍ରୀଙ୍କ ପୌରହିତ୍ୟରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ପୂର୍ଣ୍ଣାହୁତି ପରେ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଶିବାଜି ବାନପ୍ରସ୍ଥି ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଗ୍ରୀଞ୍ଜାଲ ଆର୍ଯ୍ୟ ସମାଜ ସଭାପତି ନାରାୟଣ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ ପରିଚାଳନା କରିଥିଲେ। ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ମହାମନ୍ତ୍ରୀ ଧନୁର୍ଦ୍ଧର ମହାପାତ୍ର, ପ୍ରବକ୍ତା ଦିନମଣି ବାରିକ ପ୍ରବଚନ ଦେଇଥିଲେ। ଅଶ୍ୱିନୀ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆଁପାଲି ନବପ୍ରଭାତ ଆଶ୍ରମର ବ୍ରହ୍ମଚାରୀମାନେ ସହଯୋଗ କରିଥିଲେ। ଲଳିତ ସା, ବେଦ ପଧାନ, ସୂର୍ଯ୍ୟ ବାରିହା, ସଂସାର ସାହୁ, ପାଣ୍ଡବ ବାରିକ, ପଞ୍ଚାନନ ବୁଡେକ, ବସୁ ରୋହିଦାସ, ଗହକି ବାରିକ, ଚୈତନ୍ୟ ଭୋଇ, କ୍ଷୀରୋଦ୍ର ବାରିକ ଏବଂ ସହଯୋଗୀ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ବରତୁଣ୍ଡାକୁ ହରାଇ ସେମିଫାଇନାଲରେ ମାଣ୍ଡୋସିଲ

**ଜୟ ବୁଢ଼ାରଜା କ୍ରିକେଟ କପ**

**ପାଇକମାଳ,୨୪।୨(ବଢ଼ ଶତପଥି)**

ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୂତମୁଣ୍ଡାରେ ଚାଲିଥିବା ୫ତମ ଜୟ ବୁଢ଼ାରଜା କ୍ରିକେଟ କପରେ ୫ଟି ମ୍ୟାଚ ଖେଳାଯାଇଛି। ପ୍ରଥମ ମ୍ୟାଚ ଧାରୋଲ ଓ ବରତୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ ବରତୁଣ୍ଡା ବିଜୟୀ ହୋଇଥିଲା। ସାଇପଲା ଓ ବରତୁଣ୍ଡା ମଧ୍ୟରେ ହୋଇଥିବା ଦ୍ୱିତୀୟ ମ୍ୟାଚରେ ବରତୁଣ୍ଡା ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ଝିଁକିକିଓ ମାଣ୍ଡୋସିଲ ମଧ୍ୟରେ ଖେଳାଯାଇଥିଲା। ମାଣ୍ଡୋସିଲ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚରେ ପତ୍ରାଗୁଡ଼ା ଓ ମାଣ୍ଡୋସିଲ ମଧ୍ୟରେ ଆୟୋଜିତ ହୋଇଥିବା ବେଳେ ମାଣ୍ଡୋସିଲ ବିଜୟୀ ହୋଇଥିଲା। ବରତୁଣ୍ଡା ଓ ମାଣ୍ଡୋସିଲ ମଧ୍ୟରେ ଅନୁଷ୍ଠିତ ପଞ୍ଚମ ମ୍ୟାଚରେ କ୍ୱାର୍ଟର ଫାଇନାଲରେ ମାଣ୍ଡୋସିଲ ବିଜୟୀ ହୋଇ ସେମିଫାଇନାଲ ପ୍ରବେଶ କରିଛି। ଯଦୁମଣି ମାଝୀ, ଆକାଶ ମାଝୀ ଓ ଜୟକାନ୍ତ ମାଝୀ ଖେଳ ପରିଚାଳନା କରିଥିଲେ। ଆଶିଷ କୁମାର ସାହୁ ସ୍କୋରର ଥିବା ବେଳେ ସୌମ୍ୟରଞ୍ଜନ ମହାନ୍ତି ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବରେ ମାଣ୍ଡୋସିଲର ବିଶିଷ୍ଟ ସାମାଜିକ କର୍ମୀ ମହେନ୍ଦ୍ର କୁମାର ଖୁଣ୍ଟିଆ ଓ ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟ ଗୁଲାମ ରସୁଲ ରଙ୍ଗରେଜ, ମିହିର ମହାନ୍ତି, ଅଜିତ ପ୍ରଧାନ, ଭଗବାନ ମାଝୀ, ସନ୍ତୋସ ପ୍ରଧାନ ଯୋଗଦେଇ ପୁରସ୍କୃତ କରିଥିଲେ। ନୂତନ ନାଗ, ଆଦର୍ଶ ବିଶ୍ୱାଳ, ଆକାଶ ସାହୁ, ସୌରଭ ପଟେଲ, ପିଣ୍ଟୁ ଧରୁଆ, ଗୌରବ ମାଝୀ, କ୍ରିଷ୍ଣା ପ୍ରଧାନ, ପପୁ ମାଝୀ ପ୍ରମୁଖ ପରିଚାଳନା ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳୀମାନେ।

# ବୌଦ୍ଧରେ ରେଳ ଗଡ଼ିବ କେବେ

**ବୌଦ୍ଧ-ପୁରୁଣାକଟକ ରେଳପ୍ରକଳ୍ପର ଫାଇନାଲ ରନରେ ବିଳମ୍ବ**

**ହରଭଙ୍ଗା,୨୪।୨(ନରେନ୍ଦ୍ର କୁମାର ସାହୁ)**

ପଶ୍ଚିମ ଓ ପୂର୍ବ ଓଡ଼ିଶା ମଧ୍ୟରେ ଜୀବନରେଖା କୁହାଯାଉଥିବା ବହୁ ପ୍ରତିକ୍ଷୀତ ଖୋର୍ଦ୍ଧା- ବଲାଙ୍ଗିର ରେଳପଥ କାର୍ଯ୍ୟ ସୋନପୁର ପଟୁ ବୌଦ୍ଧ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଶେଷ ହୋଇଛି। ଗତ ୫.୧୧.୨୪ରେ ଟ୍ରେନ୍‌ର ଫାଇନାଲ ରନ ମଧ୍ୟ ହୋଇଯାଇଛି। କିନ୍ତୁ ବୌଦ୍ଧରୁ ପୁରୁଣାକଟକ ଯାଏ ରେଳପ୍ରକଳ୍ପର ଫାଇନାଲ ରନରେ ବିଳମ୍ବ ହୋଇଥିବାରୁ ବୌଦ୍ଧରେ ଟ୍ରେନ୍ ଗଡ଼ିବା ନେଇ ବିଳମ୍ବ ଦେଖାଦେଇଛି। ଖୋର୍ଦ୍ଧା- ବଲାଙ୍ଗିର ରେଳପଥ ବୌଦ୍ଧ ଜିଲାରେ ୧୦୮ କିଲୋମିଟର ରହିଛି। ବୌଦ୍ଧ ଯାଏ କାମ ଶେଷ ହୋଇଥିବା ବେଳେ ପୁରୁଣାକଟକ ପର୍ଯ୍ୟନ୍ତ ପ୍ରାୟ ୯୦ ପ୍ରତିଶତ କାମ ସରିଯାଇଛି। ୧୦ ପ୍ରତିଶତ ବାକି ରହିଛି। କିନ୍ତୁ କାର୍ଯ୍ୟରତ ଠିକା ସଂସ୍ଥା ଯୋଗୁ କାମ ବିଳମ୍ବ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଠିକା ସଂସ୍ଥା ବୌଦ୍ଧଠାରୁ ହରଭଙ୍ଗା ବ୍ଲକର ବାରିଙ୍ଗ ଯାଏ କାମ ନେଇଛି। କିନ୍ତୁ ବହୁ ସଂଖ୍ୟାରେ ପେଟି ଠିକାଦାର ଲଗାଇଥିବାରୁ ଠିକା ସଂସ୍ଥା ବିଲ ଠିକ ସମୟରେ ଦେଉନାହିଁ। ଏଥିପାଇଁ କାମ ବିଳମ୍ବ କରୁଥିବା ଦେଖିବାକୁ ମିଳିଛି। ଏପଟେ ଶ୍ରମିକମାନେ ପ୍ରାପ୍ୟ ନପାଇ ପଳାଉଥିବାରୁ କାମ ମଧ୍ୟମ ବିଳମ୍ବ ହେଉଛି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ୫.୧୧.୨୪ରେ ବୌଦ୍ଧ ପର୍ଯ୍ୟନ୍ତ ଫାଇନାଲ ରନ ଶେଷ ହୋଇଥିଲା। ବୌଦ୍ଧ ସହରବାସୀ ଟ୍ରେନ ଚାଲିବା ନେଇ ବହୁ ଅଶାବାଦୀ ଥିଲେ। କିନ୍ତୁ ୩ ମାସ ବିତିଯାଇଥିଲେ ମଧ୍ୟ ଟ୍ରେନ ଗଡ଼ିବାରେ ବିଳମ୍ବ ଦେଖାଦେଇଛି। ଗତ ଜାନୁୟାରୀ ଶେଷ ସୁଧା ବଲାଙ୍ଗିରୁ ପୁରୁଣାକଟକ ପର୍ଯ୍ୟନ୍ତ ଟ୍ରେନ୍ ଗଡିବ ବୋଲି କୁହାଯାଉଥିବା ବେଳେ ବର୍ତ୍ତମାନ ଯାଏ ତାହା ହେଲା ନାହିଁ।


ପୁରୁଣାକଟକ ରେଳଷ୍ଟେଶନ।

## ଜିଏମଡିସି ପକ୍ଷରୁ ପୁନର୍ବାସ, ପୁନଃଥଇଥାନ ପ୍ୟାକେଜ ଘୋଷଣା

ସୁନ୍ଦରଗଡ,୨୪।୨(ଜୟ ନାରାୟଣ ମେଣ୍ଡୁଲି)

ଗୁଜୁରାଟ ମିନେରାଲ ଡେଭଲପମେଣ୍ଟ କର୍ପୋରେସନ (ଜିଏମଡିସି) ବୁଢାପାହାଡ କୋଇଲା ଖଣି ପ୍ରକଳ୍ପ ପାଇଁ ଏକ ଉଲ୍ଲେଖନୀୟ ପୁନର୍ବାସ ଏବଂ ପୁନଃଥଇଥାନ (ଆରଏଣ୍ଡଆର୍) ପ୍ୟାକେଜ ଘୋଷଣା କରିଛି। ଯାହା ନ୍ୟାୟସଙ୍ଗତ ଜମି ଅଧିଗ୍ରହଣ ଏବଂ ପୁନଃଥଇଥାନ ନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବାକୁ ଯାଉଛି। କମ୍ପାନୀ ଝାରପଲମ, ଗର୍ଜନଜୋର ଏବଂ ମୁଣ୍ଡେରଖେତ ଗ୍ରାମ ପଞ୍ଚାୟତ ଗୁଡିକରେ ଗ୍ରାମସଭା ଆୟୋଜନ କରି ପ୍ରକଳ୍ପ ଏବଂ ଏହାର ପୁନର୍ବାସ, ପୁନଃଥଇଥାନ ସମ୍ପର୍କରେ ସ୍ଥାନୀୟ ବାସିନ୍ଦାଙ୍କ ସହିତ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛି। ଝାରପଲମ ପଞ୍ଚାୟତ ଅଧୀନରେ ଭୋଗରାକଚ୍ଛାର, ବିଜାହାନ, ଜାମକାନି ଏବଂ ଝାରପଲମ ଗ୍ରାମଗୁଡିକ ପାଇଁ ଗ୍ରାମସଭା ଆସନ୍ତା ୨୭ରେ ଆୟୋଜିତ ହେବ। ଗର୍ଜନଜୋର ପଞ୍ଚାୟତ ଅଧୀନରେ ଚକ୍ରା ଏବଂ ବିଲେଇମୁଣ୍ଡା ଗ୍ରାମଗୁଡିକ ପାଇଁ ଗ୍ରାମସଭା ୨୮ରେ ଅନୁଷ୍ଠିତ ହେବ। ଏଥିସହ ମାର୍ଚ୍ଚ ୪ରେ ମୁଣ୍ଡେରଖେତ ଗ୍ରାମ ପଞ୍ଚାୟତ ପାଇଁ ଗ୍ରାମସଭା ଅନୁଷ୍ଠିତ ହେବ। ଏହି ଗ୍ରାମସଭାଗୁଡିକ ପୂର୍ବରୁ ଜିଏମଡିସି ୫ ଫେବୃଆରୀରେ ଝାରପଲମ, ଭୋଗରାକଚ୍ଛାର ଏବଂ ମୁଣ୍ଡେରଖେତରେ ପୃଥକ ଭାବେ ଗ୍ରାମସଭା ପୂର୍ବ-ପ୍ରସ୍ତୁତି ବୈଠକ ଆୟୋଜନ କରିଥିଲା। ଏହି ବୈଠକରେ କମ୍ପାନୀ ବିସ୍ତୃତ ଭାବେ ଲିଖିତ ରୂପେ ପୁନର୍ବାସ ଏବଂ ପୁନଃଥଇଥାନ ପ୍ୟାକେଜ ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲା। ବୁଢାପାହାଡ କୋଇଲା ଖଣି ପାଇଁ ଜମି ଅଧିଗ୍ରହଣ ହେଉଥିବା ଗ୍ରାମବାସୀମାନେ ସେମାନଙ୍କ ଜମିର ବେଞ୍ଚମାର୍କ ମୂଲ୍ୟ (ବିଏମଭି)ର ଚାରିଗୁଣ କ୍ଷତିପୂରଣ ପାଇବେ। ଏହାସହ ପରିବାରମାନେ ଜମିର ମୂଲ୍ୟ ସହିତ ଜମି ସଂଲଗ୍ନିତ ସମ୍ପତ୍ତି ଗୃହ, ଗଛ ଏବଂ ଅନ୍ୟାନ୍ୟ ସମ୍ପତ୍ତିର ଆକଳନ ମୂଲ୍ୟର ଦୁଇଗୁଣ କ୍ଷତିପୂରଣ ପାଇବେ। ଜିଏମଡିସି ବିସ୍ଥାପିତ ପରିବାରମାନଙ୍କ ପାଇଁ ୨ଟି ସହାୟତା ବିକଳ୍ପ ମଧ ପ୍ରଦାନ କରିଛି। ଯେଉଁମାନେ ପୁନର୍ବାସ କଲୋନୀକୁ ସ୍ଥାନାନ୍ତରିତ ହେବାକୁ ଚାହାଁନ୍ତି ଏବଂ ଯେଉଁମାନେ ସ୍ୱ-ସ୍ଥାନାନ୍ତରଣ ହେବେ ସେମାନଙ୍କ ପାଇଁ ବିଶେଷ ଆର୍ଥିକ ସହାୟତା ପ୍ୟାକେଜ ରହିଛି। ଜିଏମଡିସି ତରଫରୁ ବୁଢାପାହାଡ କୋଇଲା ଖଣି ପ୍ରକଳ୍ପର ମୁଖ୍ୟ ବ୍ରିଗେଡର୍ ଆଶିଷ ନାଥ ଝା କହିଛନ୍ତି, ଆମେ ପ୍ରଥମ କମ୍ପାନୀ ଯିଏ ଗ୍ରାମସଭା ପୂର୍ବରୁ ଗ୍ରାମକୁ ଯାଇ ଆୟୋଜିତ ପ୍ରସ୍ତୁତି ବୈଠକରେ ପୁନର୍ବାସ ଏବଂ ପୁନଃଥଇଥାନ ପ୍ୟାକେଜ ଲିଖିତ ରୂପେ ପ୍ରଦାନ କରିଛୁ ଏବଂ ଲୋକମାନଙ୍କ ପାଇଁ ସର୍ବୋତ୍ତମ ପ୍ୟାକେଜ ଦେଉଛୁ। ସ୍ଥାନୀୟ ଅଞ୍ଚଳରେ ଜିଏମଡିସିର ଏହି ପଦକ୍ଷେପକୁ ସ୍ୱାଗତ କରାଯାଉଛି। କାରଣ ଲୋକଙ୍କ ମତରେ ଏହା ପ୍ରଥମ କମ୍ପାନୀ ଯିଏ ସକ୍ରିୟ ଭାବେ ଗ୍ରାମକୁ ଯାଇ ଆରଏଣ୍ଡଆର୍ ଯୋଜନାର ଲିଖିତ ବିବରଣୀ ପ୍ରଦାନ କରିଛି ଏବଂ ଅତିରିକ୍ତ ସୁଯୋଗ ଓ ସୁବିଧା ବିଷୟରେ ଖୋଲା ଆଲୋଚନା କରିଛି। ଜିଏମଡିସି ଗ୍ରାମସଭା ପୂର୍ବରୁ ଆମକୁ ଏହି ପ୍ରକ୍ରିୟାରେ ସାମିଲ କରି ଆମର ବିଶ୍ୱାସଭାଜନ ହୋଇପାରିଛି ବୋଲି ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏଥିସହ ବିସ୍ଥାପିତ ପରିବାରଙ୍କ ପାଇଁ ପୁନର୍ବାସ ଏବଂ ପୁନଃଥଇଥାନ ନୀତି (ଆରପିଡିଏସି) ଅଧୀନରେ ଅନୁମୋଦନ ପରେ କ୍ଷତିପୂରଣ ପ୍ରଦାନ କରାଯିବ। ଯାହା ଦ୍ୱାରା ପ୍ରଭାବିତ ପରିବାରମାନେ ନ୍ୟାୟସଙ୍ଗତ ଏବଂ ସମୟ ଉପଯୋଗୀ ପେମେଣ୍ଟ ପାଇବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।


କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

### ସଂକ୍ଷେପରେ

### ମୃତ ମୟୂର ଜବତ: ଜଣେ ଗିରଫ



ବଣାଇଁ,୨୪।୨(ପ୍ରଦୀପ ତ୍ରିପାଠୀ): ବଣାଇଁ ବନଖଣ୍ଡ ଅନ୍ତର୍ଗତ ତାମଡା ରେଞ୍ଜର ରୁଷିମଠ ସଂରକ୍ଷିତ ଜଙ୍ଗଲରେ ସୋମବାର ମୟୂର ଶିକାର କରୁଥିବା ସମ୍ପର୍କରେ ଖବର ପାଇ ବନ ବିଭାଗ ଚଢାଉ କରିଥିଲା। ତାମଡା ରେଞ୍ଜ କଣ୍ଡାପାଲି ବିଟର କର୍ମଚାରୀଙ୍କ ସମେତ ବନ ବିଭାଗ ଫ୍ଲାଇଙ୍ଗ ସ୍କ୍ୱାର୍ଡ ରୁଷିମଠ ସଂରକ୍ଷିତ ଜଙ୍ଗଲରୁ ମୃତ ପୁରୁଷ ମୟୂର ଜବତ କରିବା ସହିତ ଶିକାରୀ ମେସାକ ମିଞ୍ଜଙ୍କୁ ଗିରଫ କରିଛନ୍ତି। ଗିରଫ ମେସାକଙ୍କ ଘର ସାନ ବଡଗାଁ। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ତାମଡା ବନାଞ୍ଚଳ ଅଧିକାରୀ ଦେବାଶିଷ ନାଏକ ସମ୍ପୃକ୍ତ ଶିକାରୀ ବିରୁଦ୍ଧରେ ବନ୍ୟପ୍ରାଣୀ ଶିକାର ଓ ଅବମାନନା ଦଫାରେ ଏକ ମାମଲା ରୁଜୁ ହୋଇଥିବା ଓ ତାଙ୍କ ନିକଟରୁ ମୃତ ପୁରୁଷ ମୟୂର, ଗୋଟେ ଟାଙ୍ଗିଆ, ଜିଆଇ ତାର ଫାଶ, ବାଟୁଳି ଓ ମାଟି ଗୋଳି ଜବତ କରାଯାଇଥିବା ସୂଚନା ଦେଇଛନ୍ତି।

## ହୋ ସମାଜ ପକ୍ଷରୁ "ମା"ଗେ ଜୁମୁର କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ହୋ ସମାଜର କର୍ମକର୍ତ୍ତା।

ଲହୁଣୀପଡା,୨୪।୨(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ବାଇପାସ ଛକଠାରେ ହୋ ସମାଜ ଶୁସାର ଆକାଳା ବଣେଇ ତରଫରୁ "ମା"ଗେ ଜୁମୁର ପରବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଲମ୍ବୋଦର ସଏ, ସମ୍ମାନିତ ଅତିଥିଭାବେ ଘନଶ୍ୟାମ ମୁଣ୍ଡା, ମୁଖ୍ୟ ବକ୍ତା ଜୟୀରାମ ସାମାଦ ଯୋଗ ଦେଇଥିବା ବେଳେ ଗୋବିନ୍ଦ ଚନ୍ଦ୍ର ଜାରିକା ଅଧ୍ୟକ୍ଷତା କରିଥିଲେ। ଲକ୍ଷ୍ମଣ ତିୟୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନାନ୍ଦୀ କେରାଇ ତିୟୁ ମଞ୍ଚ ପରିଚାଳନା କରିଥିଲେ। ସର୍ବ ପ୍ରଥମେ ସିଂବଙ୍ଗା, ହାତୁ ଦିଉରୀ ଓ ଗ୍ରାମଶ୍ରୀ ଦେଶାଉଲିଙ୍କର ପୂଜାର୍ଚ୍ଚନା କୁସୁମ ମୁଣ୍ଡା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି "ମା"ଗେ ଜୁମୁର କାର୍ଯ୍ୟକ୍ରମରେ ବଣେଇ ଉପଖଣ୍ଡ ୪ଟି ବ୍ଲକର ପ୍ରାୟ ୩୦ଟି ଗ୍ରାମରୁ ହୋ ସମ୍ପ୍ରଦାୟର ଲୋକମାନେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଯମୁନା ଗାଗରାଇ ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥିତ ହୋ ସମାଜର ନୃତ୍ୟ ଦଳମାନେ ସାମୂହିକ ନୃତ୍ୟ ପରିବେଷଣ କରିଥିଲେ।

## ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ଜେଲ

ସୁନ୍ଦରଗଡ,୨୪।୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଅତିରିକ୍ତ ଜିଲା ଦୌରା ଜଜ ତଥା ପୋକସୋ କୋର୍ଟର ପ୍ରିଜାଇଡିଂ ଅଫିସର ଜ୍ଞାନରଞ୍ଜନ ପଟ୍ଟନାୟକ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ଜାନୁଆସ କାଣ୍ଡୁଲାନାଙ୍କୁ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ୬୦ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୭ମାସରେ ଜେଲଦଣ୍ଡ ପାଇଁ ଅଦାଲତ ତାଙ୍କ ରାୟରେ ଆଦେଶ କରିଛନ୍ତି। ମାମଲାର ରାୟ ଅନୁସାରେ, ଗତ ୧୩/୬/୨୦୧୮ରେ ରାଜଗଙ୍ଗପୁର ଥାନା ଛତାମ ଗ୍ରାମର ପୀଡିତା ଜଣକ ରାଉରକେଲା ହସ୍ପିଟାଲକୁ ଯାଇଥିବା ମା'ବାପାଙ୍କ ଫେରିବା ବାଟକୁ ସନ୍ଧ୍ୟାରେ ରାସ୍ତାରେ ଛିଡା ହୋଇ ଅପେକ୍ଷା କରିଥିଲା। ଏହି ସମୟରେ ଅଭିଯୁକ୍ତ ଜଣକ ନାବାଳିକାଙ୍କ ପାଟିକୁ ବନ୍ଦ କରି ନିକଟସ୍ଥ ଏକ ଶାଳଗଛ ମୂଳକୁ ଟେକି ନେଇ ବଳାତ୍କାର କରିଥିଲେ। ଏହି କଥା କାହା ଆଗରେ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। କିଛି ସମୟ ପରେ ପୀଡିତାଙ୍କ ମା'ବାପା ପହଞ୍ଚି ଝିଅକୁ ଖୋଜାଖୋଜି କରି ଶାଳ ଗଛମୂଳରୁ ଉଦ୍ଧାର କରିଥିଲେ। ଏହାପରେ ଝିଅ ସବୁ କଥା ମା'ବାପାଙ୍କୁ ଜଣାଇଥିଲେ। ଏହା ପରେ ୧୭/୬/୨୦୧୮ରେ ପୀଡିତାଙ୍କ ମା'ବାପା ରାଜଗଙ୍ଗପୁର ଥାନାରେ ରିପୋର୍ଟ କରିଥିଲେ। ଏହାପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଉଭୟଙ୍କ ଡାକ୍ତରୀ ମାଇନା କରିଥିଲା। ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଅଦାଲତ ୧୭ଜଣଙ୍କ ସାକ୍ଷ୍ୟ ଓ ସମସ୍ତ ପ୍ରମାଣ ଆଧାରରେ ମାମଲା ଶୁଣାଣୀ କରିଥିଲେ। ରାୟ ଶୁଣାଣି ପରେ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଦାଲତ ପୀଡିତାଙ୍କୁ ୭ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ଜିଲା ଆଇନ ସେବା ପ୍ରାଧୀକରଣଙ୍କୁ ନିର୍ଦ୍ଦେଶ କରିଛନ୍ତି। ପୋକସୋ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସ୍ୟୁକୁଟର ଦେବାଶିଷ ମିଶ୍ର ସରକାରଙ୍କ ପକ୍ଷରୁ ଏହି ମାମଲାର ପରିଚାଳନା କରୁଥିଲେ।

## ଗଞ୍ଜେଇ ଜବତ, ବସ କଣ୍ଡକ୍ଟରଙ୍କ ସମେତ ୪ ଗିରଫ

ସୁନ୍ଦରଗଡ,୨୪।୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଟାଉନଥାନା ପୋଲିସ ସୋମବାର ୨ଲକ୍ଷ ଟଙ୍କା ମୂଲ୍ୟର ଚୋରା ଗଞ୍ଜେଇ ଜବତ କରିବା ସହ ଜଣେ ସରକାରୀ ବସ କଣ୍ଡକ୍ଟରଙ୍କ ସମେତ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସୁନ୍ଦରଗଡ ସହର ରଙ୍ଗାଢିପାର ରୂପକ ମିଶ୍ର (୪୫), କଳାହାଣ୍ଡି ଭବାନୀପାଟଣାର ମହମ୍ମଦ ସଦାମ(୩୦),ମହମ୍ମଦ ମୁନାୱର ଅଲ୍ଲୀ (୪୦) ଓ ମହମ୍ମଦ ତସିବ(୩୧)। ପୋଲିସ ସେମାନଙ୍କ ନିକଟରୁ ୪ଟି ମୋବାଇଲ ଫୋନ, ନଗଦ୨୩ହଜାର ୯୨୦ଟଙ୍କା ଜବତ କରିଛି। ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଟାଉନ ଥାନାରେ କେଶ ନଂ. ୫୫/୨୦୨୫ରେ ଏନଡିପିଏସ ଆଇନ ଅନୁଯାୟୀ ମାମଲା ରୁଜୁ କରିଛି। ସୋମବାର ସନ୍ଧ୍ୟାରେ ସୁନ୍ଦରଗଡ ଟାଉନଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଦର ଏସଡିପିଓ ସୋମନାଥ ଜେନା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ସୋମବାର ସକାଳେ ସୁନ୍ଦରଗଡ ଟାଉନଥାନା ଆଇଆଇସି ଆଦିତ୍ୟ ମହାକୁର ଜୟପୁରରୁ ରାଉରକେଲା ଓଏସଆରଟିସି ବସରୁ ସୁନ୍ଦରଗଡରେ ୪ଜଣ ବ୍ୟକ୍ତି ଓହ୍ଲାଇ ଗଞ୍ଜେଇ ଧରି ଆସୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ସୂଚନା ପାଇ ଆଇଆଇସି ମହାକୁର ଏସଆଇଏସଏଚ ମହାନ୍ତଙ୍କ ନେତୃତ୍ୱରେ ଏକ ଟିମ ଗଠନ କରିଥିଲେ। ଖୋଜାଖୋଜି ପରେ ଆମ୍ବିଆନ୍ସ ହୋଟେଲ ଛକରେ ଏହି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖିଥିଲେ। ଏନଡିପିଏସ ପ୍ରକ୍ରିୟା ଅନୁଯାୟୀ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଏବଂ ଅନ୍ୟ ସାକ୍ଷୀଙ୍କ ଉପସ୍ଥିତିରେ ସନ୍ଦିଗ୍ଧ ଏହି ବ୍ୟକ୍ତି ମାନଙ୍କୁ ତଲାସି କରିଥିଲେ। ବ୍ୟାଗ ତଲାସି କରିବା ସମୟରେ ବ୍ୟାଗରୁ ୪୦ ପ୍ୟାକେଟ ଗଞ୍ଜେଇ ମିଳିଥିଲା ଏବଂ ଏହାର ଓଜନ ପ୍ରାୟ ୪୦ କିଲୋ ହେବ। ପଚରାଉଚରା ପରେ ଏହି ଗଞ୍ଜେଇ କୋରାପୁଟ ଜୟପୁରରୁ ସୁନ୍ଦରଗଡ ସହରକୁ ଆସୁଥିଲା। ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି।


ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

## ଶାନ୍ତି ପାଇଁ ସଦାଚାରର ଆବଶ୍ୟକତା ରହିଛି


କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁମାନେ।

କୁଆଁରମୁଣ୍ଡା,୨୪।୨(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ପ୍ରଜାପତି ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପବିତ୍ର ଶିବରାତ୍ରି ଉପଲକ୍ଷେ ସୋମବାର ସନ୍ଧ୍ୟାରେ କୁଆଁରମୁଣ୍ଡା ଚିଲ୍ଡରେନ ପାର୍କ ନିକଟରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନୁଷ୍ୟ ସାଂସାରିକ ଜଞ୍ଜାଳରୁ ମୁକ୍ତ ରହିବାକୁ ହେଲେ ଆଧ୍ୟାତ୍ମିକ ଚିନ୍ତନ କରିବା ଆବଶ୍ୟକ। ସମ୍ପ୍ରତି ବିଶୃଙ୍ଖଳିତ ସମାଜରେ ଶାନ୍ତି ଫେରାଇ ଆଣିବାକୁ ହେଲେ ସଦାଚାରର ଆବଶ୍ୟକତା ରହିଛି। ସଦାଚାର ମାଧ୍ୟମରେ ସମାଜରେ ଆଧ୍ୟାତ୍ମିକ ଶାନ୍ତି ବଜାୟ ରଖିବା ପାଇଁ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସର୍ବଦା ଉପଯୁକ୍ତ ମାର୍ଗଦର୍ଶନର ପ୍ରୟାସ ଜାରି ରହିଛି ବୋଲି ସୁନ୍ଦରଗଡ ଜିଲା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ ବ୍ରହ୍ମା କୁମାରୀ ବିମଳା ଦିଦି ଉପସ୍ଥିତ ରହି ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ବିଡିଓ ଜଗଦୀଶ ଚନ୍ଦ୍ର ମହାନନ୍ଦ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ସାମାଜିକ କର୍ମୀ ଶୈଳେଶ ତିୱାରୀ, ଶିକ୍ଷୟତ୍ରୀ ବାସନ୍ତୀ ପାତ୍ର ପ୍ରମୁଖ ଉପସ୍ଥିତ ରହି ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଦର୍ଶ ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ବ୍ରହ୍ମା କୁମାରୀ ଶାଖା ମୁଖ୍ୟ ସୁମନ ଦିଦି, ରିତା ଦିଦିଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା ବେଳେ ଏଥିରେ ବ୍ରହ୍ମା କୁମାରୀ ଅନୁ ଦିଦି, ସିଲା ଦିଦିଙ୍କ ସହ ବ୍ରହ୍ମା କୁମାର ପବିତ୍ର ଭାଇ, ସୁନିଲ ଭାଇ, ରମେଶ ଭାଇ, ରଜନିଶ ଭାଇ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ୪ ଦିନ ଧରି ଅପରାହ୍ନ ୫ଟାରୁ ଚାଲୁ ରହିବ ବୋଲି ବିକେ ରିତା ଦିଦି ସୂଚନା ଦେଇଛନ୍ତି।

### ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ କାର୍ଯ୍ୟକ୍ରମ

## ରେଳ ହସ୍ପିଟାଲ, କଲୋନୀ ଯାଞ୍ଚ କଲେ ଡିଆର୍‌ଏମ୍


ଡିଆରଏମ ବସ୍ତି ଅଞ୍ଚଳ ଯାଞ୍ଚ କରୁଛନ୍ତି।

ବନ୍ଧମୁଣ୍ଡା,୨୪।୨(ସୁବ୍ରତ ଦେ)

ଚକ୍ରଧରପୁର ରେଳ ମଣ୍ଡଳର ଡିଆରଏମ ତରୁଣ ହୁରିଆ ସୋମବାର ପୂର୍ବାହ୍ନ ୧୧ଟାରେ ବନ୍ଧମୁଣ୍ଡା ରେଳବାଇ ହସ୍ପିଟାଲ ଏବଂ ରେଳବାଇ କଲୋନୀର ନିରୀକ୍ଷଣ କରିଥିଲେ। ଡିଆରଏମ ପ୍ରଥମେ ରେଳବାଇ ହସ୍ପିଟାଲରେ ପହଞ୍ଚି ସଫେଇ ବ୍ୟବସ୍ଥା, ଶୌଚାଳୟ, ଡ୍ରେସିଂ ରୁମ ଆଦି ଯାଞ୍ଚ କରିଥିଲେ। ହସ୍ପିଟାଲର ବ୍ୟବସ୍ଥାକୁ ଦେଖି ଡିଆରଏମ ହସ୍ପିଟାଲର ସିଏମଏସ ଡା. ସଞ୍ଜୀବ କୁମାରଙ୍କୁ ପ୍ରଶଂସା କରିଥିଲେ। ଏଥିସହ ଉପସ୍ଥିତ ରୋଗୀମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ପରେ ଡିଆରଏମ ଅପରାହ୍ନ ୧୨ଟାରେ ଏ-ସେକ୍ଟର ରେଳବାଇ କଲୋନୀରେ ପହଞ୍ଚି ଲୋକଙ୍କ ଜୀବନଯାପନର ସମୀକ୍ଷା କରିଥିଲେ। ସିଏ କଲୋନୀର ଭଙ୍ଗା ରେଳବାଇ କ୍ୱାର୍ଟର ଏବଂ ରାସ୍ତାଗୁଡ଼ିକର ମରାମତି ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି। କଲୋନୀର ସଫେଇ ବ୍ୟବସ୍ଥାରେ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ମଧ ସେ ସ୍ଥାନୀୟ ରେଳବାଇ ଅଧିକାରୀଙ୍କୁ ଚେତାବନୀ ଦେଇଛନ୍ତି। ଝୁମ୍ପୁଡି ଘରେ ରହୁଥିବା ଲୋକଙ୍କୁ କିପରି ଭାବେ ବିଜୁଳି ଏବଂ ପାଣି ମିଳୁଛି ତାହାକୁ ନେଇ ଡିଆରଏମ ସ୍ଥାନୀୟ ଆଇଓଡବ୍ଲୁ ଅଧିକାରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଡିଆରଏମ ବନ୍ଧମୁଣ୍ଡା ରେଳ କଲୋନୀରେ ଥିବା ବେଆଇନ ବିଦ୍ୟୁତ ଏବଂ ପାଣି ସଂଯୋଗକୁ ତୁରନ୍ତ ବିଚ୍ଛିନ୍ନ କରିବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି।

## ଗଞ୍ଜେଇ ଜବତ: ଜଣେ ଗିରଫ

ବଡ଼ଗାଁ,୨୪।୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଅବକାରୀ ବିଭାଗ ସୋମବାର ସକାଳେ ବଡ଼ଗାଁ ବସ୍ତିର ଜଣେ ଯୁବକଙ୍କ ଘରେ ଚଢ଼ାଉ କରି ୩ କେଜି ୭୪୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣା ଅନୁଯାୟୀ, ବଡ଼ଗାଁର ସୁଜିତ କୁମାର ପୃଷେଟ ଗଞ୍ଜେଇ କାରବାର କରୁଥିବା ସମ୍ପର୍କରେ ଜିଲା ଅବକାରୀ ବିଭାଗକୁ ସୂଚନା ମିଳିବା ପରେ ଅବକାରୀ ଇନ୍ସପେକ୍ଟର ଯାଜ୍ଞସେନୀ ପ୍ରଧାନ, ସବ ଇନ୍ସପେକ୍ଟର ସୁଧିର କୁମାର ମିଶ୍ର, ବିଜୟ ଲାକ୍ରା, ଏଏସଆଇ ମୁକେଶ କୁମାର ପଟେଲ ସଦଳବଳେ ଚଢ଼ାଉ କରିଥିଲେ।

## ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି

ବଡ଼ଗାଁ,୨୪।୨( ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ବ୍ଲକ ଏକମା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ ସୋମବାର ପୂର୍ବାହ୍ନରେ ଆୟୋଜିତ ହୋଇଥିଲା। ଏହି ଜନ ଶୁଣାଣୀରେ ବଡ଼ଗାଁ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ଯୋଗଦେଇ ଗ୍ରାମ ପଞ୍ଚାୟତର ବିଭିନ୍ନ ସମସ୍ୟା ଶୁଣିବା ସହ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ତହସିଲଦାର ଝରଣା ପ୍ରଧାନ, ବ୍ଲକ ସହକାରୀ ଯନ୍ତ୍ରୀ ସୁନିଲ ମୁର୍ମୁ, ଏକମା ଗ୍ରାମ ପଞ୍ଚାୟତର ସରପଞ୍ଚ ସାଇବାନୀ ଲାକ୍ରା ଅଂଶ ଗ୍ରହଣ କରିଥିଲେ। ଏହି ଜନ ଶୁଣାଣିରେ ପଞ୍ଚାୟତର ବିଭିନ୍ନ ସମସ୍ୟା ଯଥା ରାସ୍ତା ନିର୍ମାଣ, ପୋଖରୀ, ଉନ୍ନୟନ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଆଦି ବିଭିନ୍ନ ଦାବି, ଅଭିଯୋଗ ସହ ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଗୃହ ଓ ବ୍ୟକ୍ତିଗତ ସମସ୍ୟା ସମ୍ପର୍କରେ ଅଭିଯୋଗ ହୋଇଥିଲା।



ଜନ ଶୁଣାଣିରେ ଉପସ୍ଥିତ ଅଧିକାରୀମାନେ।

## ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାର ଶୁଭାରମ୍ଭ


କାର୍ଯ୍ୟକ୍ରମରେ ହୋ ସମାଜର କର୍ମକର୍ତ୍ତା।

ହେମଗିର,୨୪।୨(ଚୈତନ୍ୟ ପଟେଲ)

ପ୍ରଧାନମନ୍ତ୍ରୀ ସିଞ୍ଚାଇ ଯୋଜନା ହେମଗିର ବ୍ଲକର କାଉଦର ଓ ଟାଙ୍ଗରଡିହିରେଠାରେ ସୋମବାର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଶୁଭାରମ୍ଭ କରିଛନ୍ତି । ସୋମବାର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ରମୋଦୀ ମଧ୍ୟପ୍ରଦେଶର ଭାଗଲପୁରରେ କୃଷକ ସମ୍ମାନ ଯୋଜନାର ଶୁଭାରମ୍ଭ କରିଥିବା ବେଳେ ଆମ ରାଜ୍ୟରେ କୃଷକଙ୍କ ପାଇଁ ଜଳ ସିଞ୍ଚାଇ ଯୋଜନାର ଶୁଭାରମ୍ଭ କରିଛନ୍ତି । ସେହି କ୍ରମରେ ସୁନ୍ଦରଗଡ ଜିଲାର ହେମଗିର ଓ ସବଡେଗା ବ୍ଲକକୁ ମଡେଲ ବ୍ଲକ ଭାବେ ଚିହ୍ନଟ କରାଯାଇ ସେହି ବ୍ଲକର ଜଳ ସମ୍ପଦ ଗଚ୍ଛିତ ଏବଂ ଜଳ ଉତ୍ସକୁ ସଂରକ୍ଷିତ ରଖିବା ସହ ତାକୁ କୃଷି କାର୍ଯ୍ୟରେ ନିୟୋଜିତ କରିବା ପାଇଁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି। ଏହି ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଓରାମ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥିଭାବେ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ, ପୂର୍ବତନ ବିଧାୟିକା କୁସୁମ ଟେଟେ, ସଦର ଉପ ଜିଲାପାଳ ଦାଶରଥି ଶରାବୁ,ଆକେଲବିରା ସରପଞ୍ଚ ଥଇଚରଣ ସା, ଜିଲା ପରିଷଦ ସଭ୍ୟା ମହିମା ସେଠ, ସମିତି ସଭ୍ୟ ସନ୍ତୋଷିନୀ ପଣ୍ଡା, ହେମଗିର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା, ସୁନ୍ଦରଗଡ଼ର ଅରୁଣ କୁମାର ଆଚାର୍ଯ୍ୟ ଉପସ୍ଥିତ ଥିଲେ।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ହେମଗିର,୨୪।୨(ଚୈତନ୍ୟ ପଟେଲ): ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ବରପାଲି ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଟ୍ରକ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଖବର ଲେଖାହେବା ସୁଦ୍ଧା ମୃତ ଓ ଗୁରୁତରଙ୍କ ପରିଚୟ ମିଳିପାରିନାହିଁ। ସ୍ଥାନୀୟଲୋକେ ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି। କ୍ଷତିପୂରଣ ଦାବିରେ ଲୋକେ ରାସ୍ତାରୋକୋ କରିବା ସହିତ ଗାଡି ଚଳାଚଳକୁ ବନ୍ଦ କରିଥିଲେ। ସୂଚନା ଅନୁସାରେ, ରବିବାର ମଧରାତ୍ରୀରେ ବାଇକରେ ଥିବା ୨ଜଣ ବ୍ୟକ୍ତିଙ୍କୁ ଟ୍ରକ ଧକ୍କା ଦେଇ ଫେରାର ହୋଇଯାଇଥିଲା।

## ଝସକେତନ ସିଂହ ପ୍ରଥମ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

ସୁନ୍ଦରଗଡ,୨୪।୨(ଜୟ ନାରାୟଣ ମେଣ୍ଡୁଲି)

ଟାଙ୍ଗରପାଲି ବ୍ଲକ ଯୋଗୀମାଲ ପଞ୍ଚାୟତ ଅନ୍ତର୍ଗତ ଡମବାହାଲ ଖେଳ ପଡ଼ିଆରେ ଝସକେତନ ସିଂହ ପ୍ରଥମ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକଙ୍କ ପ୍ରତିନିଧି ନିତ୍ୟାନନ୍ଦ ପଟେଲ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥିଭାବେ ରେମଣ୍ଡା ସମିତି ସଭ୍ୟ ଜଟିଆ ମୁଣ୍ଡା ଓ ଅମୂଲ୍ୟ ସିଂହ ଉପସ୍ଥିତ ଥିଲେ। ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା କ୍ରିକେଟ ପ୍ରତିଯୋଗିତାରେ ବିଭିନ୍ନ ଅଞ୍ଚଳରୁ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଚନ୍ଦଲିମାଲ ପ୍ରଥମ ବ୍ୟାଟିଂ କରି ୯ ଉଇକେଟ ବିନିମୟରେ ୮୦ ରନ ସଂଗ୍ରହ କରିଥିବା ବେଳେ କିରମିରା ଦଳ ୪୦ ରନ ସଂଗ୍ରହ କରି ପରାଜିତ ହୋଇଥିଲେ। ବିଜୟୀ ଦଳକୁ ୧୭୦୦୦/- ରାଶି ସହିତ ଚମ୍ପିୟାନ ଟ୍ରଫି ଓ ଉପ ବିଜେତା ଦଳକୁ ୧୨୦୦୦/- ରାଶି ସହିତ ରନର୍ସ ଟ୍ରଫି ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇ ଥିଲା। ସଂଯୋଗ ପଟେଲ ଓ କିଶୋର ନାଏକ ଖେଳ ପରିଚାଳନା କରିଥିବା ବେଳେ ଗୁପ୍ତେଶ୍ୱର ସିଂ ଏବଂ କୈଳାଶ ସେଟ ଆଙ୍କରିଂ ଦାୟିତ୍ୱ ତୁଲାଇଥିଲେ। ନଳୀନ ପଟେଲ, ପ୍ରିୟ ରଞ୍ଜନ ପଟେଲ, କ୍ଷୀର ସାଗର ମୁଣ୍ଡା, ମାନସ କଛରିଆ ପ୍ରମୁଖ ପ୍ରତିଯୋଗିତାରେ ସହଯୋଗ କରିଥିଲେ। ମନୋଜ ପଶାୟତ ମଞ୍ଚ ପରିଚାଳନା କରିଥିବା ବେଳେ ଗୁପ୍ତେଶ୍ୱର ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।


ଅତିଥିଙ୍କ ସହ ପ୍ରତିଯୋଗୀତାରେ ଭାଗ ନେଇଥିବା ଖେଳାଳି।

**ସଂକ୍ଷେପରେ**

## ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ସମାରୋହ

ଦେବଗଡ଼,୨୪।୨(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ସୋମବାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ସମାରୋହରେ ପିଏମ କିଷାନ ଯୋଜନାର ୧୯ତମ କିସ୍ତିର ହସ୍ତାନ୍ତର କରାଯାଇଛି। ଏହି ଅବସରରେ ଦେବଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଆଭାସି ମାଧ୍ୟମରେ ୩୮,୯୮୧ଜଣ କୃଷକମାନଙ୍କ ଚାଷ କାର୍ଯ୍ୟ ନିମନ୍ତେ ବିଭିନ୍ନ କୃଷି ସାମଗ୍ରୀ କ୍ରୟ ଜନିତ ଖର୍ଚ୍ଚ ବାବଦକୁ ବର୍ଷକ ମଧ୍ୟରେ କିସ୍ତି ପିଛା ୨୦୦୦ ଟଙ୍କା ହିସାବରେ ମୋଟ ୩ଟି କିସ୍ତିରେ ୬୦୦୦ ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଉପ ଜିଲାପାଳ ପରକ୍ଷିତ ସାହୁ, ଏମ୍‌ପିଙ୍କ ନମିନୀ ଅରୁଣ ସାହୁ, ଭାରପ୍ରାପ୍ତ ଅଧ୍ୟକ୍ଷ ପୌର ପରିଷଦ ପ୍ରଜିତ କୁମାର ଭୋଜ, ଜିଲା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୂତିଆ, ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ଦେବାଶିଷ ଜଗଦେବ, ବରିଷ୍ଠ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର ମାନସୀ ଭୋଳ, କୃଷି ଅଧିକାରୀ ମନୋଜ କୁମାର ମାରାଣ୍ଡି, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଜାମୀ ସାହୁ, ସହକାରୀ କୃଷି ଅଧିକାରୀ ଫଗୁରାମ ହେମରମ, କୃଷି ଅଧିଦର୍ଶକ ହେମସାଗର ସାହୁ, ସହକାରୀ ବୈଷୟିକ ପରିଚାଳକ ଦିବ୍ୟଜୀବନ ବସନ୍ତରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ତିନି ବ୍ଲକରୁ ଆସିଥିବା କୃଷକମାନେ ଉପସ୍ଥିତ ଥିଲେ।

## ୩ ବ୍ଲକର ୮ ପଞ୍ଚାୟତକୁ ନେଇ ନୂତନ ବ୍ଲକ ଗଠନ ଦାବି

ଦେବଗଡ଼,୨୪।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ, ବାରକୋଟ ଓ ତିଲେଇବଣି ବ୍ଲକର ୮ଟି ଗ୍ରାମପଞ୍ଚାୟତ ନେଇ ଏକ ନୂତନ ବ୍ଲକ ଗଠନ କରିବାକୁ ଦାବି ହୋଇଛି। ଏ ନେଇ ରବିବାର ଅପରାହ୍ନରେ ତିଲେଇବଣି ବ୍ଲକ ଅନ୍ତର୍ଗତ ଛେପିଲିପାଲି ଗ୍ରାମପଞ୍ଚାୟତ ବୁଢ଼ିବିଲ ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ତିଲେଇବଣି ବ୍ଲକର କଲଣ୍ଡା, ବଣିଆକିଲିଣ୍ଡା, ସୁଗୁଡା, ଛେପିଲିପାଲି, ବଡଛାପଲ, ରିଆମାଳ ବ୍ଲକର ନୂଆଁଡିହି, ଖିଲେଇ ଗ୍ରାମପଞ୍ଚାୟତ ଓ ବାରକୋଟ ବ୍ଲକର ବସାଲଇ ଗ୍ରାମ ପଞ୍ଚାୟତର ଜନସାଧାରଣ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିବା ଜଣାପଡିଛି। ଉକ୍ତ ସମସ୍ତ ପଞ୍ଚାୟତ ଲୋକେ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଯିବା ପାଇଁ ପ୍ରାୟ ୩୦ରୁ ୪୦ କି.ମି. ଅତିକ୍ରମ କରିବାକୁ ପଡୁଛି। ଏଥିସହ କେତେକ ପଞ୍ଚାୟତ ଲୋକେ ଜିଲା ସଦର ମହକୁମା ଅତିକ୍ରମ କରି ତିଲେଇବଣି ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ଫଳରେ ଉପରୋକ୍ତ ୮ଟି ପଞ୍ଚାୟତକୁ ନେଇ ଏକ ନୂତନ ବ୍ଲକ ଗଠନ କରିବା ସହିତ ସୁଗୁଡାଠାରୁ ଛେପିଲିପାଲି ମଧ୍ୟରେ ଏହାର ସଦର ମହକୁମା କାର୍ଯ୍ୟାଳୟ ସ୍ଥାପନ ପାଇଁ ବୈଠକରେ ଦାବି କରାଯାଇଥିଲା। ସେହିପରି ପର୍ଯ୍ୟାୟ କ୍ରମେ ମୁଖ୍ୟମନ୍ତ୍ରୀ ଏବଂ ବିଭିନ୍ନ ବିଭାଗର ମନ୍ତ୍ରୀ, ବିଧାୟକ, ଏମ୍‌ପି ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ଦେଶୀ ପିସ୍ତଲ, ମୋବାଇଲ ଜବତ, ୪ ଗିରଫ



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି ।


ଜବତ ସାମଗ୍ରୀ

ଝାରସୁଗୁଡ଼ା,୨୪।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହର ଭୁଲିଆଟିକ୍ରାଠାରେ ରବିବାର ଫାଙ୍କା ଗୁଳି ଚାଳନା ଘଟଣାରେ ସ୍ଥାନୀୟ ପୋଲିସ ୪ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ୪ଜଣ ହେଲେ ଝାରସୁଗୁଡ଼ା ଭୁଲିଆପଡାର ଯୁବରାଜ ସିଂ ଓରଫ (ବଣ୍ଟି) (୩୪) ଓ ଭାନୁପ୍ରତାପ ସିଂ (୩୦), ଓଏସଏପି ବାଟାଲିୟନ ଏରିଆର ବିପିନ କୁମାର ସିଂ (୪୩), ଅଭିଷେକ ଗୁରୁଙ୍ଗ (୨୭)। ସୋମବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀ କରି ଝାରସୁଗୁଡ଼ା ଏସ୍‌ପି ପରମାର ସ୍ମିତ ସୂଚନା ଦେଇଛନ୍ତି। ସୂଚନାନୁସାରେ ରବିବାର ଅପରାହ୍ନ ପ୍ରାୟ ୪ଟା୩୦ରେ ଭୁଲିଆଟିକ୍ରାଠାରେ କମ୍ପ୍ଲେସର କାନ୍ଥ ନିର୍ମାଣ ଚାଲିଥିଲା। ଏହି ସମୟରେ ଯୁବରାଜ ଆଦିତ୍ୟ ପରୁଆଙ୍କୁ ଧମକ ଦେଇ ଘଟଣାସ୍ଥଳରୁ ପଳେଇ ଯାଇଥିଲେ। କିଛି ସମୟ ପରେ ଯୁବରାଜ ସିଂ ଏବଂ ଅନ୍ୟ ତିନିରୁ ଚାରିଜଣ ବ୍ୟକ୍ତି ପିସ୍ତଲ ଧରି ଜୀବନରେ ହତ୍ୟା କରିବା ପାଇଁ ଫାଙ୍କା ଗୁଳି ଚଳାଇଥିଲେ। କିନ୍ତୁ ଗୁଳି ତାଙ୍କ ପ୍ୟାଣ୍ଟ ବାମ ପାର୍ଶ୍ୱରେ ଯାଇ ଗୁଳିଟି ପଛପଟୁ ପ୍ରବେଶ କରିଥିଲା। ଏହି କାରଣରୁ ଆଦିତ୍ୟ ବର୍ତ୍ତି ଯାଇଥିଲେ। ଅଦିତ୍ୟଙ୍କ ଅଭିଯୋଗ ଆଧାରରେ ଝାରସୁଗୁଡ଼ା ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୃଥକ ଦଳ ଗଠନ କରାଯାଇଥିଲା। ଝାରସୁଗୁଡା ଟାଉନରେ ଲଗାଯାଇଥିବା ସିସିଟିଭି ସାହାଯ୍ୟରେ ଏସ୍‌ପି କାର୍ଯ୍ୟାଳୟରେ ନଜର ରଖାଯାଇଥିଲା

### ଭୁଲିଆଟିକ୍ରାରେ ଫାଙ୍କା ଗୁଳି ଚାଳନା ଘଟଣା

ଏବଂ ସେମାନଙ୍କ ରୂପ ଏବଂ ଗତିବିଧି ଚିହ୍ନଟ କରାଯାଇ ୪ଜଣଙ୍କୁ ପୋଲିସ ଧରିଥିଲା । ଗିରଫ ୪ଜଣଙ୍କଠାରୁ ଏକ କାର୍‌, ଏକ ଦେଶୀ ପିସ୍ତଲ, ମୋବାଇଲ ଫୋନ ଆଦି ଜବତ କରିଛି। ଝାରସୁଗୁଡା ପୋଲିସ କେସ ନମ୍ବର ୬୦/୨୫ରେ ଭାରତୀୟ ନ୍ୟାୟ ସହିତା ୧୨୬(୨), ୧୧୫(୨)୧୦୯, ୩୫୧(୩), ବିଏନଏସ ୨୫(୧)ଏ, ୨୭(୧)ରେ ଅପରାଧିକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଝାରସୁଗୁଡା ଟାଉନ ଥାନା ଆଇଆଇସି ରଞ୍ଜନ କୁମାର ବରିହାଙ୍କ ସହିତ ଦେବେନ୍ଦ୍ର ନାଇକ, ସ୍ୱାଧୀନ ସେଠି, ଗଣେଶ ପ୍ରସାଦ କଲେତ, ପ୍ରଭାକର ପାତ୍ର ପ୍ରମୁଖଙ୍କ ସହାୟତାରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

# ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ: ୯ ଗିରଫ


ଗିରଫ ଅଭିଯୁକ୍ତମାନେ।

ଦେବଗଡ଼,୨୪।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ମସିନ୍ତା ଡୁଙ୍ଗରୀ ପାହାଡରେ କୁକୁଡା ଲଢେଇ ଏବଂ ଜୁଆ ଆଡ୍ଡା ଚାଲିଥିବା ଖବର ପାଇ ବାରକୋଟ ଥାନା ପୋଲିସ ଶନିବାର ରାତିରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଘଟଣାସ୍ଥଳରୁ ୧୧ଟି ବାଇକ, ୨ କୁକୁଡା ଏବଂ ନଗଦ ୨୬୬୮୦ ଟଙ୍କା ଜବତ ହୋଇଥିବା ବେଳେ ୯ଜଣଙ୍କୁ ପୋଲିସ ଗିରଫ କରିଥିଲା। ଗିରଫଙ୍କ ମଧ୍ୟରେ ସୁନ୍ଦରଗଡ଼ ଜିଲା ମହୁଲଡିହା ଥାନା ସଦରସ୍ଥିତ ସୁଶାନ୍ତ ସାହୁ(୩୨), ବାରକୋଟ ଥାନା ଆମ୍ବଗାଁର କେଶବ ନାୟକ (୪୫), ସୁନ୍ଦରଗଡ ଜିଲା ଲହୁଣିପଡା ଥାନା ସବରା ଗାଁର କ୍ଷେତ୍ର କିଷାନ (୫୦) ଓ ପ୍ରତାପ ଧିବର (୩୦), ଲହୁଣିପଡା ଥାନା ଶଙ୍ଖପଶି ଗାଁର ଆନନ୍ଦ ମୁଣ୍ଡା (୩୮), ବଣେଇଗଡ ଥାନା ସଦର ମହକୁମାର ପ୍ରତିମ କୁମାର ସାହୁ (୨୧), ବଣେଇଗଡ ଥାନା କେନାଭେଟା ଗାଁର ସିପୁନ ପାତ୍ର (୨୪), ବଣେଇଗଡ ଥାନା ଦେଓଗାଁର ମିରାଶଙ୍କର ସାହୁ (୨୮) ଏବଂ ଟାରଙ୍ଗପାଲି ଥାନା କାଠିର ଗାଁର ପାଣ୍ଡେ ସିଂ (୩୦)। ରବିବାର ବାରକୋଟ ଜେଏମ୍‌ଏଫ୍‌ସି କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ମଞ୍ଜୁର ହୋଇଥିବା ନେଇ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଉକ୍ତ ଅଞ୍ଚଳରେ ବାରକୋଟ ଥାନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବେଆଇନ ଭାବେ କୁକୁଡା ଲଢେଇ ଏବଂ ଜୁଆ ଆଡ୍ଡା ଚାଲିଥିବା ପୋଲିସ ସୂଚନା ପାଇଥିଲା। ପରେ ବାରକୋଟ ଥାନା ଅଧିକାରୀ ଯାଜ୍ଞସେନୀ ପ୍ରଧାନଙ୍କ ନିର୍ଦ୍ଦେଶରେ ଚଢ଼ାଉ କରାଯାଇଥିଲା। ଘଟଣାସ୍ଥଳରୁ କେତେଜଣ ଫେରାର ହୋଇଥିବା ବେଳେ ୯ଜଣଙ୍କୁ ପୋଲିସ ଗିରଫ କରିଥିଲା।

# ୫୫ ଅଭିଯୋଗର ଶୁଣାଣି କଲେ ଜିଲାପାଳ


ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଦେବଗଡ଼,୨୪।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ ତୁଙ୍ଗାମାଳ ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୫୫ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୪୩ଟି ବ୍ୟକ୍ତିଗତ ଏବଂ ୧୨ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ବିଶେଷ କରି ସୁଭଦ୍ରା ଯୋଜନା, ବିଦ୍ୟୁତ୍ ସଂଯୋଗ, ମଧୁବାବୁ ପେନସନ ଯୋଜନା ଉପରେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ କୁମାର ପଣ୍ଡା, ତହସିଲଦାର ବିଜୟଲକ୍ଷ୍ମୀ ନାଏକ, ସହକାରୀ ଜିଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୪।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ବଡମାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିକଳ୍ପ ବିବାଦ ସମାଧାନର ବିଭିନ୍ନ ଉପାୟ, ସାର୍ବଜନୀନ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତ, ପିଏଲଏଗୁଡ଼ିକର ପ୍ରତିଷ୍ଠା ଏବଂ କାର୍ଯ୍ୟକାରିତା, ଏହା ଦ୍ୱାରା ବିଚାରକୁ ନିଆଯାଇଥିବା ବିବାଦର ପ୍ରକୃତି ଏବଂ ଆଇନ ସେବା ପ୍ରାଧିକରଣ ଅଧିନିୟମ, ୧୯୮୭ର ଅଧ୍ୟାୟ-ଭିଆଇଏ ଅନୁଯାୟୀ ଯୋଜନାର ଲାଭ ଏବଂ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନ କରାଯାଇଛି। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ ଜନ ଉପଯୋଗୀ ସେବା ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ମୁଖ୍ୟ ଆଇନ ସହାୟତା ପ୍ରତିପକ୍ଷ ଓକିଲ ସାଜଦା ବେଗମ, ସହକାରୀ ଶ୍ରମ ଅଧିକାରୀ ଦେବାଶିଷ ତରାଇ ଏବଂ ବଡମାଳ ଥାନା ଅଧିକାରୀ ରାଜେନ୍ଦ୍ର ସିଆଲ ପ୍ରମୁଖ ଯୋଗଦେଇ ଉପରୋକ୍ତ ବିଷୟବସ୍ତୁ ଉପରେ ବିଶଦ ଭାବେ ଆଲୋଚନା କରିଥିଲେ। ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଶ୍ରମିକ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ତାଲିମ ଶିବିର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଛାତ୍ରୀମାନେ।

ଦେବଗଡ଼,୨୪।୨
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆତ୍ମ ସୁରକ୍ଷା ତାଲିମର ଆବଶ୍ୟକତା ଉପରେ ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ପ୍ରଶିକ୍ଷିକା ସିପୁନି ଦେହୁରୀ ଆଠ ଦିନ ଧରି ତାଲିମ ଶିବିରର ଅନୁଭୂତି ଉପରେ ପ୍ରଥମେ ଆଲୋକପାତ କରିବା ସହ ଏହାର ଉପାଦେୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆତ୍ମ ସୁରକ୍ଷା ତାଲିମ ପରାମର୍ଶ ଦାତା ଭୁବନେଶ୍ୱରୀ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ନାତକ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର


ଶୁଣାଣିରେ ଲୋକେ ନିଜର ଅଭିଯୋଗ ଦାଖଲ କରୁଛନ୍ତି।

ଝାରସୁଗୁଡ଼ା,୨୪।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଅବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ଆଇଏଏସ୍ ପ୍ରବେଶନର ସି ସର୍ବାନନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ ପଟେଲଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଶିବିରରେ ମୋଟ ୩୪ଟି ଅଭିଯୋଗ ମଧ୍ୟରୁ ୨୦ଟି ବ୍ୟକ୍ତିଗତ ଓ ୧୪ଟି ସାମୂହିକ ରହିଥିଲା। ସେହିପରି ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ଅଭିଯୋଗ ସମ୍ବନ୍ଧରେ ତର୍ଜମା ପୂର୍ବକ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ

ଖଡ଼ିଆଳ,୨୪।୨(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଖୁଦପେଜ ଗ୍ରାମ ପଞ୍ଚାୟତ ପରିସରରେ ଝିଅ ପାଇଁ ଗଛଟିଏ ଓ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଉପଜିଲାପାଳ ଯୋଗେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସଭାରେ ଜିଲା ପ୍ରକଳ୍ପ ଅଧିକାରୀ ଲମ୍ବୋଦର ଧରୁଆ, ଖଡ଼ିଆଳ ବିଡିଓ ନରସିଙ୍ଗ ଗଡ଼ବା, ପ୍ରକଳ୍ପ ଅଧିକାରୀ ନମିତା ପାଢ଼ୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମିନା କୁମାରୀ ଅଗ୍ରୱାଲ,ଖୁଦପେଜ ସରପଞ୍ଚ ଯଶୋଦା ଶତପଥୀ, ସମିତି ସଭ୍ୟ ଧନମତି ମାଝୀ, ମହିଳା ପରିଦର୍ଶିକା ତୁଳସୀଲତା ରାଉତ, ଏଏନ୍‌ଏମ ଆରତୀ ନାଏକ ଯୋଗଦାନ କରି ଝିଅ ପାଇଁ ଗଛଟିଏ ଓ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ସତ୍ୟଭାମା ଶତପଥୀ, କାଳିନ୍ଦ୍ରୀ କଟା, ଉମାମଣି ମାଝୀ, ନିଳେନ୍ଦ୍ରି ମାଝୀ, ସୁନିତା ନାଏକ, ଯଶୋବନ୍ତି କଟା, ଗୀତାଞ୍ଜଳି ଭୋଇ, ବିଷ୍ଣୁପ୍ରିୟା ମାଝୀ, ଜ୍ୟୋସ୍ନା ସୁନାନୀ ଉପସ୍ଥିତ ଥିଲେ।

# କିର୍ମିରାରୁ ବନ୍ଦଲି ରାସ୍ତା ଶୋଚନୀୟ

### ଅସୁବିଧା ଭୋଗୁଛନ୍ତି ଲୋକେ

ଝାରସୁଗୁଡ଼ା,୨୪।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କିର୍ମିରା ପଞ୍ଚାୟତ ସମିତି କିର୍ମିରା ଗ୍ରାମରୁ ବନ୍ଦଲି ଗ୍ରାମ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଫଳରେ ଲୋକମାନେ ବହୁତ ହଇରାଣ ସମ୍ମୁଖୀନ ହେଉଛନ୍ତି। ବନ୍ଦଲି, ବୁରୁପାଲି, ରଘୁନାଥପାଲି ଗ୍ରାମ ଦେଇ କୋଲାବିରା ବ୍ଲକକୁ ସଂଯୋଗ କରୁଥିବା କିର୍ମିରାରୁ ବନ୍ଦଲି ଗ୍ରାମ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। କିର୍ମିରା ଗାଁକୁ ଯାଇଥିବା ରାସ୍ତା ଦୀର୍ଘ ୩୦ ବର୍ଷରୁ ଅଧିକ ହେବ କଂକ୍ରିଟ ଫାଟି ମେଟାଲ ବାହାରି ଗାତ ସୃଷ୍ଟି ହୋଇଛି। ଗାଡିରେ ଯିବା ଆସିବା ଦୂରର କଥା ଖାଲି ପାଦରେ ମଧ୍ୟ ଚାଲିଯିବା ଅସମ୍ଭବ ହୋଇପଡିଛି। ଏହି ରାସ୍ତା ପାଇଁ ଗ୍ରାମବାସୀ ଦୀର୍ଘ ଦିନରୁ ଦାବି କରୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମରାମତି କିମ୍ବା ନୂତନ ରାସ୍ତା ନିର୍ମାଣ କରାଯାଇ ନାହିଁ। ଏହାକୁ ନେଇ ଜନ ଅସନ୍ତୋଷ ବଢ଼ି ପାଉଛି। ଏହା ଏବେ ମଧ୍ୟ କଚା ରାସ୍ତା ଥିବାରୁ ଖାଲଢିପ ହୋଇ ବର୍ଷାପାଣି ଜମି ଦୁର୍ଘଟଣା ହେଉଛି। ରାସ୍ତା ମଝିରେ ଥିବା ପୋଲ ତଳରେ ଥିବାରୁ ବର୍ଷା ଦିନରେ ପୋଲ ଉପରେ ପାଣି ଯିବାରୁ ସ୍କୁଲ ଛାତ୍ରୀଛାତ୍ର ଓ ପଥଚାରୀମାନେ ୫ କିଲୋମିଟର ବୁଲି କିର୍ମିରାକୁ ଆସନ୍ତି। ଏହି ରାସ୍ତାକୁ ବନ୍ଦଲି ଓ ବୁରୁପାଲି ଗ୍ରାମବାସୀ ଦୀର୍ଘ ଦିନରୁ କଚା ରାସ୍ତା ପିଚୁ କରିବା ପାଇଁ ଦାବି କରୁଥିଲେ ମଧ୍ୟ ଜନପ୍ରତିନିଧି କିମ୍ବା ଜିଲା ପ୍ରଶାସନ ଦୃଷ୍ଟି ଦେଉନାହାନ୍ତି। ସରକାର ରାସ୍ତା ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହି ରାସ୍ତାର ଉନ୍ନତିକରଣ ପାଇଁ କାହିଁକି ଧ୍ୟାନ ଦେଉ ନାହାନ୍ତି ତାହା ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କିର୍ମିରା ବସ୍‌ଷ୍ଟାଣ୍ଡରୁ ମନ୍ଦିର ହୋଇ ମୁଖ୍ୟ ରାସ୍ତାକୁ ନୂତନ କଂକ୍ରିଟ ରାସ୍ତା ସହ ଦୁଇ ପାର୍ଶ୍ୱରେ ଡ୍ରେନ ଓ ଗାଁ ମୁଣ୍ଡରୁ ବନ୍ଦଲି କଚା ରାସ୍ତାକୁ ପିଚୁ କରିବା ପାଇଁ ଅଞ୍ଚଳବାସୀ ଜନପ୍ରତିନିଧି ଓ ଜିଲା ପ୍ରଶାସନକୁ ଦାବି କରିଛନ୍ତି। ଏହା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି।


କିର୍ମିରାରୁ ବନ୍ଦଲି ରାସ୍ତା ଶୋଚନୀୟ ହୋଇପଡ଼ିଛି।

# ବେଲପାହାଡ଼ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଝାରସୁଗୁଡ଼ା,୨୪।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଡିଗ୍ରୀ ମହାବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆଜି ଭାରତ ଅର୍ଥନୈତିକ କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ପଞ୍ଚମ ସ୍ଥାନରେ ପହଞ୍ଚି ପାରିଛି ବୋଲି ମନ୍ତ୍ରୀ କହିଥିଲେ। ବେଲପାହାଡ଼ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଆଶିଷ ଦାଶ ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ଭଲ ମଣିଷଟିଏ ହେବାକୁ ମାର୍ଗଦର୍ଶନ କରିଥିଲେ। ବରିଷ୍ଠ ଅଧ୍ୟାପକ ଦିଲୀପ ପଟେଲ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଇଂଲିଶ ଅଧ୍ୟାପକ ଶହଦେବ ବେହେରା ମଞ୍ଚ ପରିଚାଳନା ଓ ଅଧ୍ୟାପିକା ପିଙ୍କୁ ଅମିନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦୨୩-୨୪ବର୍ଷ ପରୀକ୍ଷାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟସ୍ତରରେ ଶ୍ରେଷ୍ଠ ସ୍ଥାନ ତାଲିକାରେ ଶିକ୍ଷା ବିଭାଗରେ ଚିନ୍ମୟୀ


କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥି।

ପଧାନ ଚତୁର୍ଥ, ବାଣିଜ୍ୟ ବିଭାଗରେ ଆଇମନ୍ ଖାତୁନ ପଞ୍ଚମ, ମହିମା ଗରାଇ ସପ୍ତମ, ୨୦୨୨-୨୩ବର୍ଷ ପରୀକ୍ଷାରେ ଇତିହାସ ବିଭାଗରେ ଯୋଗେଶ୍ୱର ମୁଣ୍ଡା ଅଷ୍ଟମ ସ୍ଥାନ ଅର୍ଜନ କରି ପୁରସ୍କୃତ ହୋଇଥିଲେ। ସେହିପରି ୨୦୨୨-୨୩ ବର୍ଷ ପରୀକ୍ଷାରେ ଆକାଶ ସିଂ, ପୌରବୀ ବେହେରା, ଯୋଗେଶ୍ୱର ମୁଣ୍ଡା, ଡୋଲି ପ୍ରଧାନ, ଟିକେଶ୍ୱରୀ ମେହେର, ୨୦୨୩-୨୪ ବର୍ଷ ପରୀକ୍ଷାରେ ଆଇମନ୍ ଖାତୁନ, ଚିନ୍ମୟୀ ପଧାନ, ଅଶ୍ମା ଖାତୁନ, ନିକିତା ବେହେରା, ରଶ୍ମୀ ନାଥ ମହାବିଦ୍ୟାଳୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ମନ୍ନୁ ସାଓ ଲିଟେରାରୀ ଚାମ୍ପିୟନ୍ ହୋଇଛନ୍ତି। ସର୍ବଭାରତୀୟ ଏନ୍‌ସିସି ସୁଟିଂରେ ଶ୍ରଦ୍ଧା କୁମାରୀ ଶ୍ରେଷ୍ଠ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ମାତୃଭାଷା ଓଡ଼ିଆ ପରୀକ୍ଷାରେ ସର୍ବୋଚ୍ଚ ଅଙ୍କ ଅଧିକାର କରିଥିବା ନିକିତା ବେରିହାଙ୍କୁ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରସନ୍ନ କୁମାର ବରାଳଙ୍କ ଦ୍ୱାରା ପ୍ରଦତ୍ତ ୫ ହଜାର ଅର୍ଥ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା କ୍ଷେତ୍ରରେ ଝରଣା ମୁଣ୍ଡା, ନୋବଲ କିଷାନ, ମାଙ୍ଗିଲାଲ ବଡ୍ରା, ଲିଙ୍ଗରାଜ ସାହୁ, ବିକାଶ ମେହେର, ଲିଙ୍ଗରାଜ ମେହେର, ଅଭିଶେଖ ନାୟକ ପ୍ରମୁଖ ପୁରସ୍କୃତ ହୋଇଥିଲେ। ଡିଗ୍ରୀ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବିଳମ୍ବରେ ପହଞ୍ଚିବାରୁ ମାଟ୍ରିକ୍ ପରୀକ୍ଷାରୁ ବଞ୍ଚିତ ଛାତ୍ରୀ

ଦେଓଗାଁ,୨୪।୨ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କରୁଆଁଝର ହାଇସ୍କୁଲ କେନ୍ଦ୍ରକୁ ଜଣେ ପରୀକ୍ଷାର୍ଥୀ କୌଣସି କାରଣବଶତଃ ବିଳମ୍ବରେ ପହଞ୍ଚିବାରୁ ସୋମବାର ଦ୍ୱିତୀୟ ଦିନ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ଲଣ୍ଡାପଥର ପଞ୍ଚାୟତ ଝିଙ୍କେରମାଲ ହାଇସ୍କୁଲର ଛାତ୍ରୀ ତିଲୋତ୍ତମା ମିର୍ଦ୍ଧା ତାଙ୍କ ବାପାଙ୍କ ସହ ଏକ ବାଇକ୍ ଯୋଗେ ପରୀକ୍ଷା ଦେବା ପାଇଁ ଆସୁଥିବା ବେଳେ ଅର୍ଡା ଗାଁ ନିକଟରେ ବାଇକ୍ ପଙ୍କଚର ହୋଇଥିଲା । ଫଳରେ ବାଇକ୍ ରଖି ସ୍ଥାନୀୟ ଲୋକଙ୍କ ଠାରୁ ଏକ ସାଇକେଲ ମାଗି ସେଥିରେ ଝିଅକୁ କରୁଆଁଝରସ୍ଥିତ ପରୀକ୍ଷା କେନ୍ଦ୍ରକୁ ଆଣିବା ବେଳକୁ ପୂର୍ବାହ୍ନ ୧୦ଟା ହୋଇଯାଇଥିଲା । ଫଳରେ କେନ୍ଦ୍ରର ନିରୀକ୍ଷକ ସଂପୃକ୍ତ ଛାତ୍ରୀଙ୍କୁ ପରୀକ୍ଷା ଦେବାକୁ ବାରଣ କରିଥିଲେ । ଏହାକୁ ନେଇ କେନ୍ଦ୍ର ସମ୍ମୁଖରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା । ଖବର ପାଇ ବନ୍ଧପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଆୟତ୍ତ ହୋଇଥିଲା ।

# ୧୭ତମ ବଲାଙ୍ଗୀର ବହି ହାଟ ଉଦ୍‌ଘାଟିତ

**ବହିହାଟ ଉଦ୍‌ଘାଟନ କଲେ ବିଧାୟକ କଲିକେଶ ନାରାୟଣ ସିଂଦେଓ**

ବଲାଙ୍ଗୀର,୨୪।୨(ବୀରେନ୍ଦ୍ର କୁମାର ଝାଙ୍କର)

୧୭ତମ ବଲାଙ୍ଗୀର ବହିହାଟକୁ ବିଧାୟକ କଲିକେଶ ନାରାୟଣ ସିଂଦେଓ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟନ କରିଛନ୍ତି। ଏହି ବହିହାଟ ଆସନ୍ତା ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲା ଲେଖକ ପରିଷଦ ପକ୍ଷରୁ ତଥା ଓଡିଆ ଭାଷା, ସାହତ୍ୟ ଏବଂ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ଏହି ବହିହାଟରେ ୭୦ଟି ଷ୍ଟଲ ଲାଗିଛି। ଓଡିଶାର ବିଭିନ୍ନ ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥା ବହିହାଟରେ ତାଙ୍କର ଷ୍ଟଲ ଲଗାଇଛନ୍ତି। ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ଥାନୀୟ ବିଧାୟକ ସିଂଦେଓ ବହିହାଟ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଠାରୁ ଆରମ୍ଭ କରି ବୌଦ୍ଧିକ ବିକାଶ ଏବଂ ସାହିତ୍ୟ ସଂସ୍କୃତିର ସମୃଦ୍ଧି ଦିଗରେ ବହିହାଟ ଆୟୋଜନ ଏକ ବଳିଷ୍ଠ ପଦକ୍ଷେପ ବୋଲି ବିଧାୟକ ସିଂଦେଓ କହିଥିଲେ। ଜିଲା ଲେଖକ ପରିଷଦ ସଭାପତି ମଳୟ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବହିହାଟରେ ମୁଖ୍ୟ ସଂଯୋଜକ ଡ. ଶ୍ରୀକର ମିଶ୍ର, ଉପସଭାପତି ମୁରଲିଧାରୀ ପତି, ସମ୍ପାଦକ କପିଳେଶ୍ୱର ଖମାରୀ, କୋଷାଧ୍ୟକ୍ଷ ଅଜିତ ମହାନ୍ତି, ଯୁଗ୍ମସମ୍ପାଦକ ମହେନ୍ଦ୍ର ଦର୍ଜୀ, କବି ବିଜୟ କୁମାର ତ୍ରିପାଠୀ, ଅନୁପ୍ରିୟା ମିଶ୍ର, ରଘୁନନ୍ଦନ ସିଂ ଉପସ୍ଥିତ ଥିଲେ। କବି ସନ୍ଦୀପ କୁମାର କୁଅଁର, କବି ସୁଶାନ୍ତ ବାଗ, ଶୁଭ୍ରାଂଶୁ ଶେଖର ପଣ୍ଡା, ବୀରେନ୍ଦ୍ର କୁମାର ଝାଙ୍କର, ବାଳକୃଷ୍ଣ ଷଡଙ୍ଗୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ମଙ୍ଗଳବାର ଠାରୁ ବହିହାଟ ଅପରାହ୍ଣ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲାରହିବ ବୋଲି ସୂଚନା ଦିଆଯାଇଛି। ବହିହାଟରେ ବିଦ୍ୟାପୁରୀ, ପଶ୍ଚିମା, ଓଡିଶା ଲ' ଏଜେନ୍ସି ସମେତ ଅନ୍ୟ ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥାର ଷ୍ଟଲ ଲଗାଯାଇଛି। ମଙ୍ଗଳବାର ଠାରୁ ପ୍ରତିଦିନ ସନ୍ଧ୍ୟା ୬ଟାରୁ ବିଭିନ୍ନ ପ୍ରକାର ବୌଦ୍ଧିକ ଆଲୋଚନା, କୁଇଜ୍, କବିତା ପାଠ, ସାହିତ୍ୟିକ ଆଲୋଚନା ଆୟୋଜନ କରାଯିବ ବୋଲି ସମ୍ପାଦକ ଖମାରୀ ସୂଚନା ଦେଇଛନ୍ତି।



ବଲାଙ୍ଗୀର ବିଧାୟକ କଲିକେଶ ନାରାୟଣ ସିଂଦେଓ ୧୭ତମ ବଲାଙ୍ଗୀର ବହିହାଟକୁ ଉଦ୍‌ଘାଟନ କରୁଛନ୍ତି।

# ବୋହୂ ମୃତ୍ୟୁ ଖବର ଶୁଣି ଶାଶୁ ଟଳିପଡ଼ିଲେ

ବଲାଙ୍ଗୀର,୨୪।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଇନ୍ଦିରାନଗରରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ବୋହୂ ଆତ୍ମହତ୍ୟା କରିଥିବା ଖବର ଶୁଣିବା ପରେ ଶାଶୁଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିବା ଚର୍ଚ୍ଚାର ବିଷୟ ହୋଇଛି। ରବିବାର ସନ୍ଧ୍ୟାରେ ବେକରେ ଦଉଡ଼ି ଦେଇ ଜଣେ ମହିଳା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମୃତ ବୋହୂ ଆନନ୍ଦିନୀ ସାହୁ ଓ ଶାଶୁ ଜାମ୍ବବତୀ ସାହୁ ବୋଲି ଜଣାପଡିଛି। ତେବେ ମୃତା ଆନନ୍ଦିନୀଙ୍କ ବାପା ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ସ୍ୱାମୀ ଘରେ ନ ଥିବା ସମୟରେ ଆନନ୍ଦିନୀ ଆତ୍ମହତ୍ୟା କରିଥିବା କୁହାଯାଉଛି। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଉଭୟ ଶାଶୁ-ବୋହୂଙ୍କ ମୃତଦେହ ରଖାଯାଇଥିବା ଜଣାପଡିଛି। ବଲାଙ୍ଗୀର ଟାଉନ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



ମୃତା ଆନନ୍ଦିନୀ ସାହୁ, ଜାମ୍ବବତୀ ସାହୁ।

# ବରକୁ ହତ୍ୟା ପାଇଁ ସୁପାରି ନେବା ଘଟଣାର ଏପାଖ ସେପାଖ

**ଫେରିବାଲା ଠାରୁ କିଣାଯାଇଥିଲା ପିସ୍ତଲ**

ଦେଓଗାଁ, ୨୪।୨ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଅଞ୍ଚଳରେ ଏକ ବାହାଘର ପ୍ରୋଶେସନ ଚାଲିଥିବା ବେଳେ ବର ଓ ବର ସହଯୋଗୀଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ଜବତ ହୋଇଛି ଦେଶୀ ପିସ୍ତଲ । ପିସ୍ତଲ ଆସିଲା କେଉଁଠୁ ତାକୁ ନେଇ ପଚରାଉଚୁରା କରିଥିଲା ପୋଲିସ । ବାହାର ରାଜ୍ୟର ଜଣେ ବୁଲା ବିକାଳି ଠାରୁ ପିସ୍ତଲ ଓ ଗୋଟିଏ ଗୁଳି ୧୫ ଶହ ଟଙ୍କାରେ କିଣିଥିବା ଜଣେ ଅଭିଯୁକ୍ତ ପୋଲିସ ନିକଟରେ ପ୍ରକାଶ କରିଛି । ତେବେ ବୁଲା ବିକାଳି କିଏ ତାଙ୍କୁ ନେଇ ଏବେ ତନାଘନା ଆରମ୍ଭ କରିଛି ପୋଲିସ । ଏହି ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଛି ।

**ହତ୍ୟା ପାଇଁ ଷଡଯନ୍ତ୍ର**

ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ପେଶାରେ ଜଣେ ସେବା ସମବାୟ ସମିତିର ରାତ୍ର ଜଗୁଆଳି । ସେ ବାହା ହୋଇଛି ଗାଇବାହାଲ ଗ୍ରାମରେ । ତାଙ୍କ ଶଶୁର ଘରକୁ ଅକଥନୀୟ ନିର୍ଯାତନା ଦେଉଥିଲେ ରାଜକୁମାର ଓ ସନ୍ତୋଷଙ୍କ ପରିବାର । ଉଭୟ ପରିବାର ମଧ୍ୟରେ ପୂର୍ବରୁ ଥିଲା ସୁସମ୍ପର୍କ । କିନ୍ତୁ କୌଣସି ଏକ ଘଟଣାକୁ ନେଇ ଉଭୟ ପରିବାର ମଧ୍ୟରେ ଫାଟ ସୃଷ୍ଟି ହେଲା । ଏପରି କ ତାଙ୍କ ଶଶୁରଘର ପରିବାରକୁ କ୍ଷେତକୁ ଚାଷ କରିବାକୁ ଯିବାପାଇଁ ରାସ୍ତା ବି ମିଳିଲା ନାହିଁ । ଗତ ୨୦ ଦିନ ତଳେ ପୀଡିତ ପରିବାର ଥାନାର ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ପୋଲିସ ଠାରୁ କୌଣସି ନ୍ୟାୟ ମିଳି ନ ଥିଲା । ଏହାର ପ୍ରତିଶୋଧ ନେବା ପାଇଁ ବର ଓ ତାଙ୍କ ସହଯୋଗୀ ଶୋଭାଯାତ୍ରାରେ ଯିବା ବେଳେ ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରାଯାଇଥିଲା ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିଥିବା ସୂଚନା ଦେଇଛି ।

**ବଞ୍ଚିଗଲା ଦୁଇ ଜୀବନ**

ବରକୁ ହତ୍ୟା ପାଇଁ ଷଡଯନ୍ତ୍ର ସରିଥିଲା । ବର ରାଜକୁମାର ଓ ସହଯୋଗୀ ସନ୍ତୋଷଙ୍କୁ ହତ୍ୟା କରିବା ପାଇଁ ଦୁଇଟି ବାଇକ୍ ଯୋଗେ ବାବିଯୋରରେ ପହଞ୍ଚି ଥିଲେ ଅଭିଯୁକ୍ତମାନେ । ସେମାନେ ପ୍ରଥମେ ବରଯାତ୍ରୀମାନଙ୍କ ସହ ମିଶିଯାଇ ନାଚିବା ଆରମ୍ଭ କରିଥିଲେ । ପରେ କନ୍ୟା ଘର ପାଖେଇ ଆସିବା ସମୟରେ ଗଣ୍ଡଗୋଳ କରିଥିଲେ । ଗ୍ରାମବାସୀ ସେମାନଙ୍କୁ ଧରି ନିସ୍ତୁକ ମାଡ ଦେବା ପରେ ଅଭିଯୁକ୍ତମାନେ ସତ ବଖାଣି ଥିଲେ । ଅତ୍ୟଧିକ ନିଶା ସେବନ ଯୋଗୁ ହତ୍ୟା ଷଡଯନ୍ତ୍ର ଫସର ଫାଟିଥିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି ।

# ତନ୍ମୟ ଦାସ ହେଲେ ବିଧାୟକ ପ୍ରତିନିଧି, କୁନୁ ମୁଣ୍ଡା ଏମ୍‌ପି ପ୍ରତିନିଧି

- ପ୍ରତିନିଧିମାନେ ବିଡ଼ିଓଙ୍କୁ ଭେଟି ସ୍ୱୀକୃତିପତ୍ର ପ୍ରଦାନ କଲେ
- କର୍ମୀ ମହଲରେ ସ୍ୱାଗତ ସମ୍ବର୍ଦ୍ଧନା

ବେଲପଡା,୨୪।୨(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରେ ଗତ ୨୦୨୪ ନିର୍ବାଚନରେ ବିଧାୟକ ଭାବରେ କନକବର୍ଦ୍ଧନ ସିଂ ଦେଓ ଓ ଏମ୍‌ପି ଭାବରେ ସଙ୍ଗୀତା କୁମାରୀ ସିଂ ଦେଓ ନିର୍ବାଚିତ ହୋଇଥିଲେ । ନିର୍ବାଚିତ ହେବା ପରେ ଖପ୍ରାଖୋଲ , ପାଟଣାଗଡ଼ ବ୍ଲକରେ ଏମ୍‌ପି, ବିଧାୟକ ପ୍ରତିନିଧି ମନୋନୀତ ହୋଇଥିବା ବେଳେ ବେଲପଡା ବ୍ଲକରେ କୌଣସି ପ୍ରତିନିଧି ମନୋନୀତ ହୋଇ ପାରି ନ ଥିଲେ । ଫଳରେ ବ୍ଲକରେ ଉନ୍ନତିମୂଳକ କାର୍ଯ୍ୟ ଠପ୍‌ହୋଇ ପଡିଥିଲା । ଏହାକୁ ନେଇ କର୍ମୀ ମହଲରେ ଅସନ୍ତୋଷ ଦେଖାଦେଇଥିଲା । ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ବିଧାୟକ କନକବର୍ଦ୍ଧନ ସିଂ ଦେଓ ତାଙ୍କ ବେଲପଡା ବ୍ଲକ ପ୍ରତିନିଧି ଭାବରେ ତନ୍ମୟ କୁମାର ଦାସ ଓ ଏମ୍‌ପି ସିଂଦେଓ ତାଙ୍କ ପ୍ରତିନିଧି ଭାବରେ କୁନୁ ମୁଣ୍ଡାଙ୍କୁ ମନୋନୀତ କରିଥିବା ଜଣାଯାଇଛି । ଏହି ଖବର ଜଣାପଡିବା ପରେ ଭାଜପା କର୍ମୀ ମହଲରେ ଖୁସିର ଲହରି ଖେଳିଯାଇଛି । ସୋମବାର ଅପରାହ୍ନ ୪ ଟା ସମୟରେ ବେଲପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କର୍ମୀ ଓ ଶୁଭେଚ୍ଛୁମାନେ ଏମ୍‌ପି ପ୍ରତିନିଧି ମୁଣ୍ଡା ଓ ବିଧାୟକ ପ୍ରତିନିଧି ଦାସଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ କର୍ମୀମାନଙ୍କ ସହ ପ୍ରତିନିଧି ଦ୍ୱୟ ବେଲପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେଶ ମେହେରଙ୍କୁ ଭେଟି ଏମ୍‌ପି ଓ ବିଧାୟକଙ୍କ ସ୍ୱୀକୃତିପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ପୂର୍ବତନ ଏମ୍‌ପି ପ୍ରତିନିଧି ପ୍ରଶାନ୍ତ ଦାସ,ଏବିଡିଓ ସାରଥି ସାହୁ, ଜିପିଇଓ ଦେବେନ୍ଦ୍ର ସାହୁ,ଆଲୋକ ବେହେରା, ଜିତେନ୍ଦ୍ର ପାଣିଗ୍ରାହୀ, ତିରୁପତି ବର୍ଗେ, ବିରେନ୍ଦ୍ର ମିଶ୍ର, କୈଳାଶ ମେହେର, ଅନୁପ ବନଛୋର, ପ୍ରଦୀପ ପାଣିଗ୍ରାହୀ,ବିକ୍ରମ ତାଣ୍ଡି ,ଧନଞ୍ଜୟ ପଧାନ ,ଜିତୁ ପଣ୍ଡା,ତପିଶା କୁମ୍ଭାର,ପଞ୍ଚା ବାଗ,ଚନ୍ଦନ ଦୀପ, ହେମନ୍ତ ବେହେରା, ସଚ୍ଚିକାନ୍ତ ନାୟକ ପ୍ରମୁଖ ଭାଜପା କର୍ମୀ ଉପସ୍ଥିତ ଥିଲେ ।


ବିଡିଓଙ୍କୁ ସ୍ୱୀକୃତିପତ୍ର ପ୍ରଦାନ କରାଯାଉଛି।

# ଜିଲା ବିଶ୍ୱାବସୁ ଶବର ସଂଘର ଜିଲା ମହାସଭା


ମହାସଭାରେ ଅତିଥିମାନେ ।

ପାଟଣାଗଡ,୨୪।୨ (ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ବିଶ୍ୱାବସୁ ଶବର ସଂଘ ଆହ୍ୱାନକ୍ରମେ ପାଟଣାଗଡ଼ ଗଡ଼ଭିତର ଖେଳପଡିଆଠାରେ ଦୁଇ ଦିନ ଧରି ଜିଲା ମହାସଭା ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିନରେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମହାପ୍ରଭୁ, ନୀଳ ମାଧବ ଓ ବିଶ୍ୱାବସୁ ଶବର ରାଜାଙ୍କୁ ପୂଜାର୍ଚ୍ଚନା କରାଯିବା ସହ ପ୍ରାର୍ଥନା କରାଯାଇଥିଲା । ଉପସ୍ଥିତ ଶବର,ଶବରୀମାନେ ଆଶୀର୍ବାଦ ଭିକ୍ଷା କରି ମହାସଭାକୁ ଶୁଭାରମ୍ଭ କରିଥିଲେ । ଚନ୍ଦ୍ରମଣି ଶବରଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ହୋଇଥିଲା । ବିଗତ ବର୍ଷର ଆୟବ୍ୟୟ ଅଟକଳ ବିବରଣୀ ପଠନ କରି ଅନୁମୋଦନ କରାଯାଇଥିଲା । ସଭାରେ ଶବର ସଂସ୍କୃତି ରୀତିନୀତି, ପ୍ରଥା ପରମ୍ପରା, ପୂଜା ପଦ୍ଧତି, ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ, ସାମାଜିକ ବିଧି ବ୍ୟବସ୍ଥା ବିଷୟରେ ଆଲୋଚନା କରି ଶବରମାନେ ଦେଶର ମୁଖ୍ୟ ସ୍ରୋତରେ ସାମିଲ ହେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଶିକ୍ଷା, ଅର୍ଥନୀତି, ସାମାଜିକ ଓ ରାଜନୀତିରେ ସାମିଲ ହେବାକୁ ହେଲେ ତୃଣମୂଳ ସ୍ତରରୁ ଛାତ୍ରୀଛାତ୍ରଙ୍କୁ ବାଧ୍ୟତାମୂଳକ ପାଠ ପଢାଇବାକୁ ହେବ । ଗରିବ ଛାତ୍ରୀଛାତ୍ରମାନଙ୍କୁ ପାଠ ପଢିବା ପାଇଁ ସବୁ ପ୍ରକାର ସହଯୋଗର ହାତ ବଢେଇ ଆଗକୁ ନେବାକୁ ହେବ । କୁସଂସ୍କାରରୁ ଦୂରେଇ ସାମାଜିକ ରୀତିନୀତିକୁ ଆଧାର କରି ଆଧୁନିକ ଯୁଗରେ ତାଳ ଦେଇ ଚଳିବାକୁ ହେବ ବୋଲି ମତପ୍ରକାଶ ପାଇଥିଲା । ଯେଉଁ ଅଣଆଦିବାସୀମାନେ ଚଞ୍ଚକତା କରି ଆଦିବାସୀ ଜାତି ପ୍ରମାଣ ପତ୍ର ମାଧ୍ୟମରେ ପାଠ ପଢୁଛନ୍ତି, ଚାକିରି କରୁଛନ୍ତି, ବିଭିନ୍ନ ସରକାରୀ ସୁବିଧା ସୁଯୋଗ ହାତେଇଛନ୍ତି ସେମାନଙ୍କୁ ଉଚିତ ଜବାବ ଦେବାର ସମୟ ଆସିଯାଇଛି ବୋଲି ସଭାରେ ବକ୍ତାମାନେ ନିଜ ନିଜ ମତାମତ ରଖିଥିଲେ । ପରେ ନୂତନ ଜିଲା ସଭାପତି ଭାବେ ସାରଥୀ ବାଗ, ଉପସଭାପତି ଭାବେ ଅଲେଖ ବେଷ୍ଟକାର, ଦିବାକର ଭୋଇ, ଜଗନ୍ନାଥ ମାଝୀ,ସମ୍ପାଦକ ନାରାୟଣ ଭୋଇ,ସହ ସମ୍ପାଦକ ଭାବେ ଗୋପାଳ ଜୁଏଡ଼, ସବ୍ୟସାଚୀ ବର୍ଗେ, କୋଷାଧ୍ୟକ୍ଷ ମଧୁ ବିଶ୍ୱାଳ, ସଂଗଠକ ମଗଶିର ବିଶ୍ୱାଳ, ଉପଦେଷ୍ଟା ଭାବେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ରାଜକିଶୋର ବର୍ଗେ, ବସନ୍ତ ନାଗ,ମାନସ ବିଶ୍ୱାଳ, ଗୌରୀ ରାଉତ, ସହଦେବ ଭୋଇ, ଦୁଃଖନାଶନ ମାଝୀ, ଲମ୍ବୋଦର ଗୁରୁ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ । ଧବଳେଶ୍ୱର ଭୋଇ ଧନ୍ୟବାଦ ଦେଇଥିଲେ। ଶବର ସମାଜର ଶତାଧିକ ପୁରୁଷ ମହିଳା ଉପସ୍ଥିତ ଥିଲେ।

# ତାଲୁକ ଆଇନ ସେବା ସମିତିର ସଚେତନତା ଶିବିର



ଶିବିରରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ।

ଟିଟିଲାଗଡ଼,୨୪।୨(ଶରତ ମିଶ୍ର)

ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ବାଞ୍ଜିପଦର ପଞ୍ଚାୟତ କାର୍ଯ୍ୟାଳୟଠାରେ ଟିଟିଲାଗଡ଼ ତାଲୁକସ୍ତରୀୟ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରା ଏବଂ ସେସନ ବିଚାରପତିଙ୍କ ତତ୍ତ୍ୱାବଧାନରେ ପ୍ରବାସୀ ଶ୍ରମିକଙ୍କ ଆଇନଗତ ଅଧିକାର ସମ୍ବନ୍ଧୀୟ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବାଞ୍ଜିପଦର ସରପଞ୍ଚ ନିରୁପମା ପାଣିଗ୍ରାହୀ, ତାଲୁକ ସମିତି ଫ୍ରଣ୍ଟ ଅଫିସ ରିଟେନର ଟିକେରାମ ସାହୁ, ପେନାଲ ଓକିଲ ସନ୍ଧ୍ୟା ଥାପା, ଏଏଲଓ ରଜନୀକାନ୍ତ ଛତ୍ରିଆ, ପିଏଭି ନୀଳାମ୍ବର ସାହୁ ପ୍ରମୁଖ ଯୋଗଦେଇ ଦାଦନ ଶ୍ରମିକ ଚାଲାଣ, ଏହାର ପ୍ରତିକାର, ଶ୍ରମ କାର୍ଡ, ଶ୍ରମିକ ପରିବାରଙ୍କ ପାଇଁ ରହିଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ନେଇ ବିସ୍ତୃତ ସୂଚନା ଦେଇଥିଲେ । ତାଲୁକ ସମତିର ଜିବର୍ଦ୍ଧନ ଛତ୍ରିଆ ମଞ୍ଚ ସଞ୍ଚାଳନ କରିଥିଲେ । ସାମାଜିକ କର୍ମୀ ବିକାଶ ପାଣିଗ୍ରାହୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମିତା ସାହୁ, ଏଡିଇଓ ରଞ୍ଜନ ପଣ୍ଡା ପ୍ରମୁଖ ସହାୟତା କରିଥିଲେ ।

# ୭ କେଜି ଗଞ୍ଜେଇ ଜବତ: ଜଣେ ଗିରଫ

ପାଟଣାଗଡ,୨୪।୨ (ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ ଅବକାରୀ ବିଭାଗର ଏକ ଟିମ୍ ରବିବାର ପାଟ୍ରୋଲିଂ କରିବା ସମୟରେ ୭ କେଜି ୩ ଶହ ଗ୍ରାମ ଗଞ୍ଜେଇ ଓ ବାଇକ୍ ଜବତ କରିଛି । ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି । ଗିରଫ ଯୁବକ ଜଣକ ହେଲେ ବେଲପଡା ଥାନା ଜାମଖାରି ଗାଁର ସୁଦାମ ବାରିକ (୪୧) । ପ୍ରକାଶ ଯେ, ଯୁବକ ଜଣକ ବାଇକ୍ ଯୋଗେ ଗଞ୍ଜେଇ ଧରି ଉକ୍ତ ଥାନା ମଣ୍ଡଳ କପାଣି ଗାଁ ରାସ୍ତାଦେଇ ଜାମଖାରି ଗାଁକୁ ଯାଉଥିଲେ । ତେବେ ଜାମଖାରି ଗାଁ ଛକ ନିକଟରେ ଅବକାରୀ ବିଭାଗ କର୍ମଚାରୀମାନେ ସନ୍ଦେହରେ ବାଇକ୍ ଅଟକାଇ ଯାଞ୍ଚ କରବାରୁ ଏକ ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା ।

# ଲୋଇସିଂହା ବ୍ଲକ: ଦ୍ୱିତୀୟ ଦିବସରେ ୧୬ ଛାତ୍ରୀଛାତ୍ର ଅନୁପସ୍ଥିତ

ଲୋଇସିଂହା,୨୪।୨(ସୁଶାନ୍ତ ବାରିକ)

ଗତ ୨୧ ତାରିଖରୁ ଚାଲିଥିବା ମାଟ୍ରିକ ପରୀକ୍ଷା ମାର୍ଚ୍ଚ ୬ ତାରିଖ ଯାଏ ଚାଲିବ । ସୋମବାର ପରୀକ୍ଷାର ଦ୍ୱିତୀୟ ଦିବସରେ ଦ୍ୱିତୀୟ ଭାଷା ଇଂରାଜୀ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ବ୍ଲକର ୭ ଟି କେନ୍ଦ୍ରରେ ୧୬ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ଜଣାପଡିଛି । ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟରେ ସମସ୍ତ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ହରେକୃଷ୍ଣମହତାବ କେନ୍ଦ୍ରରେ ଜଣେ,ଯୋଗୀସର୍ଡା କେନ୍ଦ୍ରରେ ୪,ଝାରମୁଣ୍ଡା କେନ୍ଦ୍ରରେ ୩, କୁଶଙ୍ଗ କେନ୍ଦ୍ରରେ ୫, ସରଗାଡରେ ୨ ଓ କୁଟୁରାପାଲିରେ ଜଣେ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ । ପ୍ରଥମ ଦିବସରେ ୧୫ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ । ଝାରମୁଣ୍ଡା କେନ୍ଦ୍ରରେ ଅଧିକ ଜଣେ ଛାତ୍ରୀ ଅନୁପସ୍ଥିତ ରହିଥିବା ଜଣାପଡିଛି । ପ୍ରକାଶ ଯେ, ବ୍ଲକର ୧୭ ସ୍କୁଲର ୯୧୩ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସୋମବାର ୮୯୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି ।

# କୁରସୁ ଦଳ ଚାମ୍ପିୟନ

**ଜୟ୍ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ମୁରିବାହାଲ,୨୪।୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ଖେଳପଡିଆରେ ଚାଲିଥିବା ଜୟ କପ୍ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି ।

ଫାଇନାଲ ଖେଳରେ ହଳଦୀ ଦଳକୁ ହରାଇ କୁରସୁ ଦଳ ଚାମ୍ପିୟନ ହୋଇଛି ।

ଇଲେଭେନ ବ୍ରଦର୍ସ ହଳଦୀ ଆନୁକୂଲ୍ୟରେ ଗତ ସୋମବାରଠାରୁ ୮ ଗୋଟି ଦଳକୁ ନେଇ ଆୟୋଜିତ ଟୁର୍ନାମେଣ୍ଟର ଫାଇନାଲ ଖେଳ ଆୟୋଜକ ହଳଦୀ ଓ କୁରସୁ ମଧ୍ୟରେ ହୋଇଥିବା ମ୍ୟାଚରେ କୁରସୁ ଦଳ ଏକତରଫା ଭାବରେ ୪-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି।

ଫାଇନାଲ ଦିବସରେ ବଲାଙ୍ଗୀର ଜିଲା ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ନିରୁପମା ମାଝୀ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବରେ ମୁରିବାହାଲ ଅଧ୍ୟକ୍ଷ ହରିବନ୍ଧୁ ମେହେର, ସମିତି ସଭ୍ୟ ଚୁନାମାନୀ ମହାନନ୍ଦ, ୨୯ ନମ୍ବର ଜୋନର ଜିଲା ପରିଷଦ ସଦସ୍ୟ ଗୋପୀନାଥ ପାଣିଗ୍ରାହୀ, ସାମ୍ବାଦିକ ସଂଘ ମୁରିବାହାଲ ସଭାପତି ସୁବ୍ରତ ମାହାକୁର, ପ୍ରେସ କ୍ଲବ କଣ୍ଟାବାଞ୍ଜି ସଭାପତି ପ୍ରଭାଜିତ ସିଂହ ସାଲୁଜା, ପ୍ରେସ କ୍ଲବ ଉପଦେଷ୍ଟା ଆଶିଷ କ୍ଷେତାନ , ସୁରଦାସ ବାଗ, ବିଶିକେଶନ ମାଝୀ, କେଦାରନାଥ ବଡ଼ଜେନା, ଲକ୍ଷ୍ମୀକାନ୍ତ ଧରୁଆ, ଅମରେଶ ମାଝୀ, ଲଳିତ ବଘାର, ରମେଶ ଭୋଇ, ଗୋପବନ୍ଧୁ ଦାସ, ଆଦିକାନ୍ତ ଖମାରି, ଗୋବର୍ଦ୍ଧନ ନାଗ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଖେଳକୁ ଆଶୀର୍ବାଦ ସା, ଆଶିଷ ସା, ଅଶ୍ୱିନୀ ଭୁକ୍ତା ଓ ପ୍ରତାପ ଭୁକ୍ତା ପରିଚାଳନା କରିଥିଲେ । ଚାମ୍ପିୟାନ ଦଳକୁ ଟ୍ରଫି ସହ ୭ହଜାର ଟଙ୍କା ପୁରସ୍କାର ରାଶି ଓ ରନର ଅପ୍ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । କମିଟିର ସଭାପତି ଯୋଶବନ୍ତ ଭୋଇ, ଉପସଭାପତି ରାଜୁ ହାତୀ, ସମ୍ପାଦକ କ୍ଷୀରସିନ୍ଧୁ ପାତ୍ର, ସହ ସମ୍ପାଦକ ସୁରଜ ଖମାରି,ସୁନୀଲ ହାତୀ, ଚିତ୍ରସେନ ହାତୀ, ରମା ପାତ୍ର, ସୁବାଷ ପଟ୍ଟନାୟକ, ଶଶୀଭୂଷଣ ପଶାୟତ, ପିଙ୍କୁ ପଶାୟତ, ଚକ୍ର ଭୋଇ, ପପୁ ବାଗ ପ୍ରମୁଖ ସହଯୋଗ କରିଥିଲେ।


ଅତିଥି ବିଜେତା ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

# ଭୁଡିଆରବାହାଲ ବ୍ଲକ ଗଠନ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବଲାଙ୍ଗୀର,୨୪।୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଭୁଡିଆରବାହାଲ ଅଞ୍ଚଳର ବିଭିନ୍ନ ଗ୍ରାମ ପଞ୍ଚାୟତକୁ ନେଇ ଏକ ନୂଆ ବ୍ଲକ ଗଠନ କରିବା ଦାବି ନେଇ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ଭୁଡିଆରବାହାଲ ବ୍ଲକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରୁ ଶତାଧିକ ମହିଳା ଓ ପୁରୁଷ ଏକ ରାଲିରେ ସହର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟକୁ ଆସିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୬୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ ଜନସାଧାରଣ ଯୋଗଦାନ କରିଥିଲେ। ଭୁଡିଆରବାହାଲ ଗ୍ରାମ ପଞ୍ଚାୟତ ବଲାଙ୍ଗୀର ବ୍ଲକର ଶେଷ ସୀମାରେ ଅବସ୍ଥିତ । ଏହି ଗ୍ରାମ ପଞ୍ଚାୟତ ଉପରେ ଦେଓଗାଁ ବ୍ଲକର ସାରସମାଲ, ଲଣ୍ଡାପଥର, ଧଣ୍ଡାମାଲ, ବଡବନ୍ଧ, ସିକୁଆଁ, ବ୍ରାହ୍ମଣୀଯୋର, କୁଡାସିଂହା, ଚିକଲବାହାଲ, ଦେଷଣ୍ଡ, ସିଂଘାମୁଣ୍ଡା, ବନ୍ଧପଡା ଏବଂ ସଦର ବ୍ଲକର ଶିକାଛିଡା, ଶିବତଳା ଓ ଆଖପାଖ ଗ୍ରାମ ପଞ୍ଚାୟତ ନିର୍ଭରଶୀଳ । ଭୌଗୋଳିକ ଦୃଷ୍ଟିକୋଣରୁ ଭୁଡିଆବାହାଲ ଏହି ଅଞ୍ଚଳର କେନ୍ଦ୍ରସ୍ଥଳ । ସମସ୍ତଙ୍କ ସୁବିଧା ଦୃଷ୍ଟିରୁ ଭୁଡିଆରବାହାଲ ଗ୍ରାମପଞ୍ଚାୟତରେ ବ୍ଲକ ଗଠନ କରାଗଲେ ଲୋକେ ଉପକୃତ ହେବେ ବୋଲି ଦାବିରେ ଉଲ୍ଲେଖ କରିଛନ୍ତି। ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ଲୋକଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ । ଦାବିପତ୍ର ଦେବା ସମୟରେ ଭୁଡିଆରବାହାଲ ବ୍ଲକ କ୍ରିୟାନୁଷ୍ଠାନ କମିଟି ସଭ୍ୟ ଚିନ୍ତାମଣି ଚୌଧୁରୀ, ପ୍ରଦୀପ ଦାଶ, ଶିବ ପ୍ରସାଦ ସାହୁ, ତ୍ରିଲୋଚନ ମଲ୍ଲିକ, ତ୍ରିଭୁବନ ବାରିକ, କୁନା ନାଏକ, ନୀଳ ସେଠ, ଅଜିତ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଭୁଡିଆରବାହାଲ ଅଞ୍ଚଳବାସୀ ପ୍ରାୟ ତିନି ଦଶନ୍ଧି ପୂର୍ବରୁ ଭୁଡିଆରବାହାଲକୁ ନୂଆ ବ୍ଲକ ଭାବେ ଘୋଷଣା କରିବାକୁ ଦାବି କରି ଆସୁଛନ୍ତି। ଏବେ ରାଜ୍ୟ ସରକାର ନୂଆ ବ୍ଲକ ଗଠନ ସମ୍ପର୍କରେ ଇସାରା ଦେଇଥିବାରୁ ଭୁଡିଆରବାହାଲକୁ ପ୍ରାଥମିକତା ନେଇ ଏଠାରେ ନୂଆ ବ୍ଲକ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଉ ବୋଲି ଲୋକେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ନୂଆ ବ୍ଲକ ଗଠନ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି କହିଛନ୍ତି।



ଭୁଡିଆରବାହାଲ ବ୍ଲକ ଗଠନ ଦାବିରେ ଲୋକେ ବଲାଙ୍ଗୀର ସହରରେ ରାଲି କରୁଛନ୍ତି।



ଆଦିବାସୀମାନେ ଶୋଭାଯାତ୍ରାରେ ରାଉରକେଲା ଏଡିଏମ୍‌ଙ୍କ ଅଫିସ ଅଭିମୁଖେ ଯାଉଛନ୍ତି।

# ଆଦିବାସୀଙ୍କ ବିଶାଳ ଶୋଭାଯାତ୍ରା

**କୁଡୁଖ ଭାଷା, ଲିପିକୁ ସାମ୍ବିଧାନିକ ସ୍ୱୀକୃତି ଦାବି**

ରାଉରକେଲା,୨୪।୨(ସଙ୍ଗୀତା ଜେନା)

କୁଡୁଖ ଓରାମ ଭାଷା ଏବଂ କୁଡୁଖ ବାନ୍ନାଲିପିକୁ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ ପାଇଁ ଦାବି ଜୋର୍ ଧରିଛି। ଏହି ପରିପ୍ରେକ୍ଷୀରେ ସୋମବାର ପୂର୍ବାହ୍ନ ୧୧ଟାରେ ଅଖିଳ ଭାରତୀୟ କୁଡୁଖ ପଢ଼ା ଯୁବକ ସଂଘ ପକ୍ଷରୁ ରାଉରକେଲାରେ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ସୁନ୍ଦରଗଡ଼ ସମେତ ବାଲେଶ୍ୱର, ମୟୂରଭଞ୍ଜ, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡର ବହୁ ଆଦିବାସୀ ଏଥିରେ ସାମିଲ ହୋଇଥିଲେ। ଅଖିଳ ଭାରତୀୟ କୁଡୁଖ ପାଢ଼ହା ଯୁବ ସଂଘ ସଭାପତି ରାମଚନ୍ଦ୍ର ଖାଲଖୋଙ୍କ ନେତୃତ୍ୱରେ ବାହାରିଥିବା ଶୋଭାଯାତ୍ରାରେ ଆଦିବାସୀ ମହିଳାପୁରୁଷ ପାରମ୍ପରିକ ପୋଷାକ ପିନ୍ଧି ଅଂଶଗ୍ରହଣ କରିଥିଲେ। ଉକ୍ତ ଶୋଭାଯାତ୍ରା ବିଶ୍ରା ଛକରୁ ବାହାରି ରିଂ ରୋଡ୍ ଅତିକ୍ରମ କରି ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବୁରୁଙ୍ଗ ବାର୍ଲା, କିରଣ କେର୍କେଟା, ପରାମର୍ଶଦାତା ଶଙ୍କର ତିର୍କୀ, ଦୁଃଖନି ଏକ୍କା, ଜାତୀୟ ଆଦିବାସୀ ଏକତା ପରିଷଦର ସୁଷମା ଲାକ୍ରା, କୁଣ୍ଡା ସମାଜର ଚନ୍ଦ୍ର କିଷାନ, ଦୀନବନ୍ଧୁ କିଷାନ, ସୁନ୍ଦର କିଷାନ, ଜାତୀୟ ଆଦିବାସୀ ଛାତ୍ର ସଂଘ ଓଡ଼ିଶା ଶାଖା ସଭାପତି ନାରାୟଣ ମୁଣ୍ଡା ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁଡୁଖ ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରିବା ସହିତ କୁଡୁଖ ବାନ୍ନାଲିପିକୁ ଲେଖିବା ଏବଂ ପଠନ ମାଧ୍ୟମ ଭାବେ ମାନ୍ୟତା ଦେବା, କୁଡୁଖ ଭାଷାଭାଷୀବହୁଳ ଅଞ୍ଚଳରେ ଥିବା ବିଦ୍ୟାଳୟରେ ଏହି ଭାଷାରେ ଶିକ୍ଷାଦାନ ଏବଂ ଶିକ୍ଷକ ନିଯୁକ୍ତି କରିବା, ଉଚ୍ଚଶିକ୍ଷା ପାଇଁ ବିଶ୍ୱବିଦ୍ୟାଳୟରେ କୁଡୁଖ ଭାଷା ବିଭାଗ ସୃଷ୍ଟି କରିବା, ଆଦିବାସୀ ଭାଷା ପାଇଁ କେନ୍ଦ୍ର ଓ ରାଜ୍ୟରେ ସ୍ୱାଧୀନ ଭାଷା କମିଶନ ପ୍ରତିଷ୍ଠା, ପ୍ରାଥମିକରୁ ଉଚ୍ଚସ୍ତର ପର୍ଯ୍ୟନ୍ତ ସାରାଦେଶରେ କୁଡୁଖ ପାଠ୍ୟକ୍ରମ କାର୍ଯ୍ୟକାରୀ କରିବା, ଏହି ଭାଷା ବହୁଳ ଅଞ୍ଚଳ କାର୍ଯ୍ୟାଳୟ ଗୁଡ଼ିକରେ ଉକ୍ତ ଭାଷା ମାନ୍ୟତା ଦେବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା।

## ସଂକ୍ଷେପରେ

### ଏନେମିଆ ମୁକ୍ତ ଭାରତ ସଚେତନତା ଶିବିର

ରାଉରକେଲା,୨୪।୨(ଦିନେଶ ମିଶ୍ର): ଭାରତ ବିକାଶ ପରିଷଦ ରାଉରକେଲା ଶାଖା ପକ୍ଷରୁ ଜଗଦା ସ୍ଥିତ ବିର୍ସାମୁଣ୍ଡା ବିଦ୍ୟାପୀଠ ପରିସରରେ ସୋମବାର ଏନେମିଆମୁକ୍ତ ଭାରତ ପ୍ରକଳ୍ପ କାର୍ଯ୍ୟକ୍ରମ ସଭାପତି ଅଶୋକ କକ୍କଡଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭା ଆରମ୍ଭରେ ସଭାପତି କକ୍କଡ ଏହି ପ୍ରକଳ୍ପର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ପୂର୍ଣ୍ଣିମା ନର୍ସିଂହୋମ୍‌ର ଡାକ୍ତର ଏ. କେ. ପାତ୍ର, ଗୋଦାବରୀଶ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି. ପି ଗୁପ୍ତା ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡାକ୍ତର ପାତ୍ର ଓ ତାଙ୍କ ସହଯୋଗୀ ଶିବିରରେ ଉପସ୍ଥିତ ୭୮ ମହିଳାଙ୍କ ରକ୍ତ ପରୀକ୍ଷା କରାଇ ନିଃଶୁଳ୍କ ଔଷଧ ପ୍ରଦାନ କରିଥିଲେ। ରକ୍ତହୀନତାରୁ କିଭଳି ମୁକ୍ତି ମିଳିପାରିବ ଓ ଏହାର ସମାଧାନ ଉପରେ ଶିବିରାର୍ଥୀଙ୍କୁ ଅବଗତ କରାଯାଇଥିଲା। ପରିଷଦର ଆଞ୍ଚଳିକ ସଂସ୍କାର ସଚିବ ଅନୁପମ ଗୁପ୍ତା, ବୈଷ୍ଣବ ଚରଣ ମହାପାତ୍ର, ବନ୍ଦିତା ମାହାତୋ, ମଧୁ ମହାପାତ୍ର, ଅଞ୍ଜୁ କକ୍କଡ, ଅମିତାଭ ଠାକୁର, ସ୍ନେହଲତା ପାତ୍ର ପ୍ରମୁଖ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ ଡାକ୍ତର ଏବଂ ଅନ୍ୟମାନେ।

# ଆହତଙ୍କ ବେକରୁ ବାହାରିଲା ଗୁଳି

**ଠିକାଦାରଙ୍କୁ ଗୁଳିମାଡ଼ ମାମଲା**

- ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପୋଲିସର ଜେରା
- ସନ୍ଦେହରେ ରାଜନେତା, ସରକାରୀ ଅଧିକାରୀଙ୍କ ଭୂମିକା

ରାଉରକେଲା,୨୪।୨(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲାର ସେକ୍ଟର-୩ ଥାନା ଅଧୀନ ସେକ୍ଟର-୪ ପୋଷ୍ଟ ଅଫିସ ନିକଟରେ ଶନିବାର ରାତି ପ୍ରାୟ ସାଢ଼େ ୮ଟା ସମୟରେ ଗୁଳିମାଡ଼ରେ ଠିକାଦାର ବିଜୟ ଲାକ୍ରା ଆହତ ହୋଇଥିଲେ। ତାଙ୍କୁ ସେକ୍ଟର-୧୯ ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୋମବାର ଆହତଙ୍କ ବେକରୁ ଡାକ୍ତରମାନେ ଗୁଳି ବାହାର କରିଛନ୍ତି। ଶନିବାର ଆହତଙ୍କ ପତ୍ନୀ ଆଶାରାଣୀ କେର୍କେଟା(୪୧) ଏ ନେଇ ଥାନାରେ ଏତଲା ଦେଇଥିଲେ। ଏଥିରେ ବିରମିତ୍ରପୁର ଥାନା ଅଧୀନ କୁଆଁରମୁଣ୍ଡା ଅଞ୍ଚଳର ୩ଜଣଙ୍କ ନାଁ ରହିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୪୨/୨୫) ରୁଜୁ କରି ତଦନ୍ତ କରୁଛି। ପୋଲିସ ତଦନ୍ତ ବେଳେ ଏହି ଘଟଣାରେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାରାଥନ୍ ଜେରା କରାଯାଇଛି। ଅପରପକ୍ଷେ ମାମଲାର ଯାଞ୍ଚ ଅଧିକାରୀ ଆର. କେ. ଭୁଏଙ୍କ କହିବା ଅନୁସାରେ ଘଟଣା ଦିନ ବିଜୟ ୩/୪ ଜଣଙ୍କ ନାମରେ ବୟାନ ଦେଇଥିଲେ। ତାଙ୍କ ବୟାନର ଭିଡ଼ିଓ ଓ ଅଡିଓ ରେକର୍ଡ ହୋଇଛି। ସୋମବାର ଗୁଳି ବାହାରିବା ପରେ ତଦନ୍ତ ପ୍ରକ୍ରିୟା ଅନୁସାରେ ଆଉଥରେ ବୟାନ ନିଆଯିବ। ଯାଞ୍ଚ ପ୍ରକ୍ରିୟା ଚାଲିଛି। ବର୍ତ୍ତମାନ ସୁଦ୍ଧା କାହାକୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ ବୋଲି ଭୁଏ କହିଥିଲେ। ସୂଚନାଯୋଗ୍ୟ, କୁଆଁରମୁଣ୍ଡା ଅଞ୍ଚଳରେ ବାଲି ଟେଣ୍ଡର ଆଦିକୁ ନେଇ ଏପରି ବିବାଦ ଉପୁଜିଥିବା ଆଲୋଚନା ହେଉଛି। ଏଥିରେ କିଛି ସ୍ଥାନୀୟ ରାଜନେତା, ସରକାରୀ ଅଧିକାରୀଙ୍କ ଭୂମିକାକୁ ନେଇ ସନ୍ଦେହ କରାଯାଉଛି।

# ହକି ଟୁର୍ନାମେଣ୍ଟ: ସ୍ୱାଧୀନ କ୍ଲବ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଦଳ ।

ରାଉରକେଲା,୨୪।୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର କାଲଟା ଲୌହଖଣିର ସିଏସ୍‌ଆର ପ୍ରୟାସ ଅଧୀନରେ କାଲ୍‌ଟା ଖେଳ ପଡିଆରେ ଆୟୋଜିତ ଦୁଇଦିନିଆ ପାର୍ଶ୍ୱାଞ୍ଚଳ ହକି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ବିଆଇଏମ-ଟିଆଇଏମ-କେଆଇଏମ୍‌ର ମାନବ ସମ୍ବଳ ଓ ପ୍ରଶାସନ ବିଭାଗର ଜିଏମ ଏନ୍. ସି ପଣ୍ଡା ଅଧକ୍ଷତା କରି ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଭାଗର ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଜାମୁଡିହିର ସ୍ୱାଧୀନ କ୍ଲବ ୩-୦ ଗୋଲରେ ରକ୍ସି ଦଳକୁ ପରାସ୍ତ କରି ବିଜେତା ହୋଇଥିଲା। କାଲଟା ହାଇସ୍କୁଲ ଦଳ ଓ ଝିରପାଣି ଡୋଲଡିହା ଯଥାକ୍ରମେ ତୃତୀୟ ଏବଂ ଚତୁର୍ଥ ସ୍ଥାନ ହାସଲ କରିଥିଲେ। ଏଥିରେ ବିଜେତା ଦଳକୁ ୧୦ହଜାର, ଉପ ବିଜେତା ଦଳକୁ ୮ହଜାର ଟଙ୍କା ସହ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳଗୁଡିକୁ ଯଥାକ୍ରମେ ୬ହଜାର ଓ ୪ହଜାର ଟଙ୍କା ନଗଦ ଅର୍ଥ ସହିତ ଟ୍ରଫି, ହକି ଗୋଲକିପର କିଟ୍ ପ୍ରଦାନ କରାଯାଇଥିଲା। ଏହି ଟୁର୍ନାମେଣ୍ଟର ସମସ୍ତ ଖେଳାଳିଙ୍କୁ ହକି ଷ୍ଟିକ୍, ଜର୍ସି ସେଟ୍ ଏବଂ ହକି ବଲ ପ୍ରଦାନ କରାଯାଇଥିଲା। ଏଥିରେ ଆଖପାଖ ଅଞ୍ଚଳର ସମୁଦାୟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ବିଆଇଏମ-ମାଇନିଂ ଜିଏମ୍ ପି.ସି ବରୁଆ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସିଭିଲ ଓ ସିଏସଆର ବିଭାଗର ଏଜିଏମ ବି. ଦତ୍ତ ଏବଂ ଜଗନ୍ନାଥ ପାତ୍ର, ସିଭିଲ ବିଭାଗର ଜୁନିୟର ମ୍ୟାନେଜର ଏସ୍. କେ. ବେହେରା ଓ ବିରଞ୍ଚି ଦାସ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ଆର୍‌ଏସ୍‌ପି ହଟ୍ ଷ୍ଟ୍ରିପ୍ ମିଲ୍ କର୍ମଚାରୀ ପୁରସ୍କୃତ

ରାଉରକେଲା,୨୪।୨(ବିପ୍ଳବ ରଞ୍ଜନ ଦାଶ)

ଆରଏସ୍‌ପିର ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗର ପ୍ରଶାସନିକ ଭବନ ପରିସରରେ ଗତ ୨୨ତାରିଖରେ ଏକ ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇଥିଲା। ଏହି ସମାରୋହରେ ହଟ୍ ଷ୍ଟ୍ରିପ୍ ମିଲ୍ ଓ ଆନୁସଙ୍ଗିକ ବିଭାଗର ସିଜିଏମ୍ ସୁବ୍ରତ କୁମାର ଅଧକ୍ଷତା କରି ସେଲ୍ ସାବାସ ଯୋଜନାରେ ବିଭାଗର ୨୦ଜଣ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ଉତ୍ପାଦନ, ଚାଲାଣ, ରକ୍ଷଣାବେକ୍ଷଣ ଓ ନିରୀକ୍ଷଣରେ ଉଲ୍ଲେଖନୀୟ ଅବଦାନ ପୂର୍ବକ ୟୁନିଟର ଲକ୍ଷ୍ୟ ହାସଲ ଦିଗରେ ଯୋଗଦେବାକୁ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏ ନେଇ ଇଲେକ୍ଟ୍ରିକାଲ ବିଭାଗର ଜିଏମ୍ ଆର୍. କୁକୁର, ଅପରେସନ୍ସ ବିଭାଗ ଜିଏମ୍ ଦୀପକ କୁମାର, ମେକାନିକାଲ ବିଭାଗ ଜିଏମ୍ ସୁବ୍ରତ କାନୁନଗୋ, ଅପରେସନ୍ସ ବିଭାଗ ଜିଏମ୍ ଏଚ୍. ଏସ୍. ଆହ୍ଲାବାଦିଆ ଏବଂ ଅପରେସନ୍ସ ବିଭାଗର ଡିଜିଏମ୍ ମନୋରଞ୍ଜନ କୁମାର ଉପସ୍ଥିତ ଥିଲେ। ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇ ସୁବ୍ରତ କୁମାର ସମସ୍ତଙ୍କୁ ଏଭଳି ଉତ୍ତମ କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏଥିସହ ମିଲ୍‌ର ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବା ପାଇଁ ପ୍ରତ୍ୟେକ ପ୍ରୟାସରେ ଉତ୍କର୍ଷତା ହାସଲ କରିବାକୁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଅପରେସନ୍ସ ବିଭାଗର ଏଜିଏମ୍ ତଥା ଡିଏସ୍‌ଓ ଚନ୍ଦ୍ରହାସ ପୁରସ୍କାର ବିତରଣ ସମାରୋହ ସଂଯୋଜନା କରିଥିଲେ।




ଆରଏସ୍‌ପି କର୍ମଚାରୀ ପୁରସ୍କୃତ ହେଉଛନ୍ତି।

# ମାତୃଭାଷା, ମାତୃଭୂମିର ପ୍ରକୃତ ଉପାସକ ହୁଅ

**ରାଉରକେଲା କଲେଜରେ ଆଲୋଚନାଚକ୍ର**

ରାଉରକେଲା,୨୪।୨(ବିପ୍ଳବ ରଞ୍ଜନ ଦାଶ)

ସେକ୍ଟର-୪ସ୍ଥିତ ରାଉରକେଲା କଲେଜ ଓଡ଼ିଆ ବିଭାଗ ତରଫରୁ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର କଲେଜ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ଡ. ରବୀନ୍ଦ୍ର କୁମାର ଜେନା ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ରଶ୍ମିପ୍ରଭା ମଥାନଙ୍କ ସଂଯୋଜନାରେ ଆୟୋଜିତ ଏହି ଆଲୋଚନାଚକ୍ରର ଆଲୋଚ୍ୟ ବିଷୟ 'ଉତ୍ତର ଆଧୁନିକ ଓଡ଼ିଆ ଗଳ୍ପ ଓ କବିତାର ସ୍ୱର-ସ୍ୱାକ୍ଷର' ସମ୍ପର୍କରେ ବିଶିଷ୍ଟ ଗାଳ୍ପିକ ଇଂ. ବିଷ୍ଣୁ ସାହୁ, ବିଶିଷ୍ଟ କବି ପୀତାମ୍ବର ତରାଇ ଓ ବିଶିଷ୍ଟ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ଆଲୋଚକ ଇଂ. ସାହୁ ତାଙ୍କ ବକ୍ତବ୍ୟରେ ଆଧୁନିକ ଓଡ଼ିଆ ଗଳ୍ପର କ୍ରମବିକାଶ ଓ ସେଥିରେ ସାମାଜିକ ଚେତନା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନଙ୍କୁ ସାହିତ୍ୟ ମନସ୍କ ହେବା ପାଇଁ ବିଭିନ୍ନ ଉଦାହରଣ ମାଧ୍ୟମରେ ପ୍ରେରିତ କରିଥିଲେ। କବି ତରାଇ ଆଧୁନିକ ଓଡ଼ିଆ କବିତାରେ ଦଳିତ ଚେତନା ଓ ମାତୃଭାଷା, ମାତୃଭୂମିର ପ୍ରକୃତ ଉପାସକ ହେବାକୁ ଗୁରୁତ୍ୱାରୋପ କରିଥିଲେ। ସ୍ତମ୍ଭକାର ରାଉତ ତାଙ୍କ ବକ୍ତବ୍ୟରେ କହିଥିଲେ, ଓଁ ହେଉଛି ପ୍ରଥମ ସାହିତ୍ୟ। ଏଣୁ ସତ୍ୟର ଅନୁସନ୍ଧାନ କରିବାକୁ ପଡ଼ିବ। ପଞ୍ଚତତ୍ତ୍ୱର ପୂଜା, ମାନବିକତା ଓ ସାହିତ୍ୟର ଜୟ ଜୟକାର କରିବା ସହ ଆଦର୍ଶ ମଣିଷ ହେବା ପାଇଁ ୭ଟି ତତ୍ତ୍ୱ ଯଥା ମା' ବାପା, ଗୁରୁ, ପଞ୍ଚଭୂତ ତଥା ସାହିତ୍ୟ-ସଂସ୍କୃତିର ପୂଜା କଲେ ଜୀବନ ଧନ୍ୟ ହୁଏ ବୋଲି ସେ ମତ ରଖିଥିଲେ। ପ୍ରାରମ୍ଭରେ ଅଧ୍ୟାପକ କରୁଣାକର ପାଇଁଶାଣୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ସୁଶ୍ରୀ ପୂଜା କୁସୁମ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଅଧ୍ୟାପିକା ପ୍ରିୟଙ୍କା ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅନୁପ ଏକ୍କା, ଅପର୍ଣ୍ଣା ପାହାରୀ, ସୋନାଲି ମହାନନ୍ଦ, ଲିପ୍ସା ବଳିୟାରସିଂହ, ଅନୁଶ୍ରୀ ରାଉତ, ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ଛାତ୍ରୀଛାତ୍ର ସହଯୋଗ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଗଣ।

# ଅନ୍ଧବିଶ୍ୱାସକୁ ସର୍ବଦା ପରିତ୍ୟାଗ କରିବା ଉଚିତ

ରାଉରକେଲା,୨୪।୨(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ସୁନ୍ଦରଗଡ ଲେଖକ ସାମ୍ମୁଖ୍ୟ ଓ ମଧୁସୂଦନ ପାଠାଗାରର ମିଳିତ ଆନୁକୂଲ୍ୟରେ ସ୍ତମ୍ଭକାର ଭୂପେନ ମହାପାତ୍ରଙ୍କ ଅଧକ୍ଷତାରେ ରବିବାର ସନ୍ଧ୍ୟାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସାମ୍ମୁଖ୍ୟର ଉପସଭାପତି ରଶ୍ମିବାଳା ରାଉତରାୟଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଇଞ୍ଜିନିୟର ଅଭୟ କୁମାର ଦାସ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଧର୍ମୀୟ ସମାଜରେ ଅନ୍ଧବିଶ୍ୱାସ ଭଳି କୁପ୍ରଥା ସର୍ବଦା ପରିତ୍ୟାଗ କରିବାକୁ ଉଚିତ ବୋଲି କହିଥିଲେ। ଶିକ୍ଷାବିତ୍ ଶଙ୍କର ପ୍ରସାଦ ତ୍ରିପାଠୀ, ପଶୁପତିନାଥ ଚାଟାର୍ଜୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କର୍ମଶାଳାର ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ବହୁ କବୟିତ୍ରୀ ଓ କବି ନିଜ ରଚିତ କବିତା ପଠନ କରିଥିଲେ। କବି ଶୁଶାନ୍ତ ନାୟକ ଓ ମଞ୍ଜୁଳା ରଥ କାଯ୍ରକ୍ରମ ପରିଚାଳନା କରିଥିଲେ। ପାଠାଗାର ସମ୍ପାଦକ ବିଜୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କାଉଟ୍ ଗାଇଡ୍‌ର ପ୍ରତିଷ୍ଠା, ବିଶ୍ୱ ଚିନ୍ତନ ଦିବସ

ରାଉରକେଲା, ୨୪।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସ୍କାଉଟ୍ ଗାଇଡ୍ ତରଫରୁ ସେକ୍ଟର-୧ସ୍ଥିତ ସ୍କାଉଟ ଭବନରେ ସୋମବାର ପ୍ରତିଷ୍ଠା ଓ ବିଶ୍ୱ ଚିନ୍ତନ ଦିବସ ପାଳିତ ହୋଇଯାଇଛି। ଏଥିରେ କମିଶନର ବ୍ରଜେନ୍ଦ୍ର ଦାଶ ସଭାପତିତ୍ୱ କରିଥିଲେ। ଜିଲା ସମ୍ପାଦକ ସନ୍ତୋଷ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମାଜସେବୀ ଡ. ବସନ୍ତ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମା' ବାପା ତଥା ଦେଶ ସେବା କରିବାକୁ ଉପସ୍ଥିତ ସ୍କାଉଟମାନଙ୍କୁ ଡ. ଦାଶ ପରାମର୍ଶ ଦେଇଥିଲେ। ସେହିପରି ନିଜ ଦେଶ ମାତୃକା ପ୍ରତି ନିଜର କର୍ତ୍ତବ୍ୟ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ଛାତ୍ର କେଶବ ନନ୍ଦ ସ୍ୱାଇଁ ଭାରତ ସ୍କାଉଟ ଗାଇଡ୍ ଥିମ୍ ଉପରେ ନିଜର ମତ ରଖିଥିଲେ। ଏହି ଅବସରରେ ଅନେକ ସ୍କାଉଟ୍ ଗାଇଡ୍ ଉପସ୍ଥିତ ଥିଲେ। ଶେଷରେ କମିଶନର ରମାକାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀବତ୍ସ ସାମଲ, ଅକ୍ଷୟ କୁମାର ଦାସ, ଲକ୍ଷ୍ମୀ ସାହୁ, ମେରୀ ଶୀତଳ ସାହୁ, ଅଞ୍ଜନା ବେହେରା, ସୁଜାତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାରୁତି ଇଲେଭେନ୍ ଚାମ୍ପିୟନ

**ସୌମ୍ୟଜିତ୍ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

ରାଉରକେଲା,୨୪।୨(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନିସ୍ଥିତ ଡିଏଭି ଖେଳ ପଡିଆରେ ବାସନ୍ତୀ ଫାଇଟର୍ସ କ୍ଲବ ପକ୍ଷରୁ ଚାଲିଥିବା ପ୍ରଥମ ସୌମ୍ୟଜିତ ମେମୋରିଆଲ ଟି-୧୨ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ସାମାଜିକ କର୍ମୀ ନିହାର ରାୟ ମୁଖ୍ୟ ଅତିଥି, ବ୍ୟବସାୟୀ ପ୍ରଜ୍ଞାପରମିତା ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ମାରୁତି ଇଲେଭେନ୍ ଓ ମଞ୍ଜ୍ ଷ୍ଟାର ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ମାରୁତି ଇଲେଭେନ୍ ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୧୦୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରିଷଭ କୁମାର ସିଂ ମାତ୍ର ୨୫ ବଲ ଖେଳି ସର୍ବାଧିକ ୪୯ ରନ କରିଥିଲେ। ଏହି ରନ୍ ଲକ୍ଷ୍ୟ ନେଇ ମଞ୍ଜ୍ ଷ୍ଟାର ଦଳ ୫ ଉଇକେଟ ହରାଇ ୧୦୨ ରନ ସଂଗ୍ରହ କରି ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଚାମ୍ପିୟନ ମାରୁତି ଇଲେଭେନ୍ ଦଳକୁ ଅତିଥିମାନେ ୩୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ମଞ୍ଜ୍ ଷ୍ଟାର ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମାରୁତି ଇଲେଭେନ୍ ଦଳର ରିଷଭ କୁମାର ସିଂଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଓ ବିକାଶ ବଡାଇକଙ୍କୁ ମ୍ୟାନ ଅଫ ଦ ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ବେଷ୍ଟ ବ୍ୟାଟ୍ସ ମ୍ୟାନ ଭାବେ ବିକାଶ ବଡାଇକ ଓ ବେଷ୍ଟ ବୋଲର ଭାବେ ସମ୍ବିତ ମହାନ୍ତିଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ରଞ୍ଜନ ମହାପାତ୍ର ଓ ନିତେଶ କୁମାର ସାହୁ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। କ୍ଲବର ସନ୍ତୋଷ ବେହେରା, ନିତେଶ ସାହୁ, ଦୀପକ ଶର୍ମା, ଅନନ୍ତ କୁମାର ବାରିକ, ବିଭୂତି ଭୂଷଣ ମହାକୁଡ, ରାକେଶ ମହାରଣା, ଦେବାଶିଷ ରଥ, ଜ୍ୟୋତିରଞ୍ଜନ ସେଠୀ, ଅନିରୁଦ୍ଧ ନାୟକ, ଅମିତ ପାଲ, ସୁବ୍ରତ ଲେଙ୍କା, ସତ୍ୟମ୍ ସିଂ, ସୌରଭ ମହାନ୍ତି, ଆକାଶ ଶର୍ମା, ସାଗର ସିଂ ପ୍ରମୁଖ ସହଯୋଗ କରିଥିଲେ।




ଉଦ୍‌ଯାପନୀ ଦିବସରେ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଉଛି।

# ସରଞ୍ଜାମ ନାହିଁ, ମରାମତି ହୋଇପାରୁନି ନଳକୂପ

ରାଉରକେଲା,୨୪।୨(ବିପ୍ଳବ ରଞ୍ଜନ ଦାଶ)

ଆଗକୁ ଗ୍ରୀଷ୍ମ ଆସୁଛି। ଫଳରେ ଏବେଠୁ ରାଉରକେଲାର ବିଭିନ୍ନ ସ୍ଥାନରେ ପାନୀୟ ଜଳ ସମସ୍ୟା ଦେଖାଦେଲାଣି। ଅନ୍ୟପକ୍ଷେ ବିଭାଗ ପାଖରେ ଆବଶ୍ୟକ ସରଞ୍ଜାମ ନ ଥିବାରୁ ଅଚଳ ନଳକୂପଗୁଡିକର ମରାମତି ହୋଇପାରୁନାହିଁ। ଫଳରେ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି।

ରାଉରକେଲା ସହରାଞ୍ଚଳର ୪୦ ୱାର୍ଡ ଏବଂ ଶିଳ୍ପାଞ୍ଚଳର ବିଭିନ୍ନ ସେକ୍ଟରରେ ୱାଟ୍‌କୋ ପକ୍ଷରୁ ୨୦୨୪ ମାର୍ଚ୍ଚ ମାସ ସୁଦ୍ଧା ୧୮୫୦ଟି ନଳକୂପ ଖନନ କରାଯାଇଥିଲା। ପରବର୍ତ୍ତୀ ସମୟରେ ନଳକୂପ ଖନନ କାର୍ଯ୍ୟକୁ ସ୍ଥଗିତ ରଖାଯାଇ କେବଳ ମରାମତି କାର୍ଯ୍ୟ କରାଗଲା। ମାତ୍ର ନଳକୂପଗୁଡିକର ମରାମତି ପାଇଁ ଆବଶ୍ୟକ ସରଞ୍ଜାମ ଅଭାବ ଯୋଗୁ ଠିକ୍ ସମୟରେ ମରାମତି ହୋଇପାରୁନାହିଁ। ସେହିପରି ସହରାଞ୍ଚଳର ୪୦ଟି ୱାର୍ଡ ପାଇଁ ମାତ୍ର ୯ଜଣ ଷ୍ଟାଫ୍ ରହିଥିବାରୁ ନଳକୂପ ମରାମତି କାର୍ଯ୍ୟରେ ସମସ୍ୟା ହେଉଛି। ଫଳରେ ଲୋକେ ପାନୀୟ ଜଳ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାର ସହରାଞ୍ଚଳରେ ପୁଣି ନଳକୂପ ଖନନ କରିବା ପାଇଁ ନିର୍ଦ୍ଦେଶ ଜାରି କରିଥିବା ବେଳେ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ହେଉନାହିଁ। ୧୫ ଦିନ ହୋଇଗଲାଣି ସହରରେ ଅଚଳ ନଳକୂପ ମରାମତି ପାଇଁ ଜରୁରୀ ଥିବା ପାଇପ, ରଡ୍ ଓ ସିଲିଣ୍ଡର ଆଦି ସରଞ୍ଜାମ ବିଭାଗ ପାଖରେ ଉପଲବ୍ଧ ନାହିଁ। ଏଥିଯୋଗୁ ନଳକୂପ ମରାମତି କାର୍ଯ୍ୟ ବିଶେଷ ପ୍ରଭାବିତ ହେଉଛି। ଏତଦ ବ୍ୟତୀତ ରାଉରକେଲାର ଅଧିକାଂଶ ନଳକୂପ ଜଳ ପାନୀୟ ଅନୁପଯୋଗୀ ରହୁଛି। ନଳକୂପମାନଙ୍କରେ ବ୍ଲିଚିଂ ପାଉଡର ମଧ୍ୟ ପକାଯାଉନାହିଁ। ଅନ୍ୟପଟେ ଦୀର୍ଘ ବର୍ଷ ହୋଇଗଲାଣି ସହରରେ ଚାଲିଥିବା ୨୪ ଘଣ୍ଟା ପାଇପ ଜଳ ଯୋଗାଣ ଯୋଜନା ମଧ୍ୟ ବର୍ଷ ବର୍ଷ ଧରି ସରିବାର ନାଁ ଧରୁନାହିଁ। ଆଗକୁ ଗ୍ରୀଷ୍ମ ଥିବାରୁ ସହରର ଅଚଳ ନଳକୂପ ମରାମତି ନ ହେଲେ ଲୋକମାନଙ୍କ ପାଇଁ ସମସ୍ୟା ସାଜିବା ସମ୍ଭାବନା ରହିଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କ୍ଷୀରୋଦ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ନଳକୂପ ମରାମତି ଜନିତ ଜରୁରି ରହିଥିବା ସରଞ୍ଜାମ ପାଇଁ ଅର୍ଡର ଯାଇଛି। ଏହି ସରଞ୍ଜାମ ଶୀଘ୍ର ଆସିଲେ ମରାମତି କାର୍ଯ୍ୟ ଆରମ୍ଭ ହେବ। ଏହାସହିତ ଏପର୍ଯ୍ୟନ୍ତ ଆମ ବିଭାଗ ପାଖକୁ ନୂତନ ନଳକୂପ ଖନନ ପାଇଁ କୌଣସି ପ୍ରକାର ନିର୍ଦ୍ଦେଶାନାମା ଆସିନାହିଁ ବୋଲି ବେହେରା ପ୍ରକାଶ କରିଥିଲେ।



ଉଦିତ ନଗର ଛକରେ ଥିବା ଏକ ନଳକୂପ।

## ସଂକ୍ଷେପରେ

### ନାକଟିଦେଉଳ ପଞ୍ଚାୟତ ସମିତି ବୈଠକ

**ନାକଟିଦେଉଳ, ୨୪।୨(ବୈକୁଣ୍ଠନାଥ ସାହୁ)**

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ସଭାଗୃହରେ ସୋମବାର ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ ଅଧ୍ୟକ୍ଷତା କରିଥିଲେ। ଟରାଜ୍ୟ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନାର ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହିତ ଏହି ଯୋଜନାରେ ପ୍ରତି ଗ୍ରାମ ପଞ୍ଚାୟତରୁ ଗ୍ରାମ ସଭାରେ ଗୃହୀତ ହୋଇ ଆସିଥିବା ପ୍ରକଳ୍ପଗୁଡିକ ପଞ୍ଚାୟତ ସମିତି ବୈଠକରେ ପାରିତ ହୋଇ ଅନୁମୋଦନ ପାଇଁ ଜିଲାସ୍ତରକୁ ପଠାଯାଇଥିଲା । ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରକଳ୍ପ ଅନୁମୋଦିତ କରାଯାଇଛି। ବୈଠକରେ ବିଡିଓ କ୍ଷମାନିଧି ଭୋଇ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲା ପରିଷଦ ସଭ୍ୟା ଟିକେଶରୀ ମେହେର, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଦ୍ୟାଧର ରାଉତରାୟ ଏବଂ ଏମ୍‌ପି ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା ଯୋଗଦେଇଥିଲା। ବ୍ଲକର ସମସ୍ତ ୧୪ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ବିଭିନ୍ନ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

### ଖ୍ରୀଷ୍ଟିୟାନ ସମାଜର ଡାଇସିସ୍ ପାଳକଙ୍କ ପରଲୋକ

**ସମ୍ବଲପୁର,୨୪।୨(ପ୍ରମୋଦ ବହିଦାର)**

ବୁର୍ଲା ଖ୍ରୀଷ୍ଟିୟାନ ସମାଜର ଡାଇସିସ୍ ପାଳକ ରେଭ. ଜିସାକ ନନ୍ଦଙ୍କ ସୋମବାର ସନ୍ଧ୍ୟାରେ ତାଙ୍କ ମହତାବନଗରସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ହେଉଥିଲା। ମୃତ୍ୟୁଶଯ୍ୟା ନିକଟରେ ୫ପୁଅ, ୩ଝିଅ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଖ୍ରୀଷ୍ଟିଆନ ସମାଜ ସମ୍ବଲପୁର ଧର୍ମାଞ୍ଚଳର ବିଷଫ ରାଇଟ ରେଭ. ଇମାନୁଏଲ ଦାନୀ ଓ ଡାଇସିସ ସମ୍ପାଦକ ସନ୍ଦୀପ କୁମାର ନାଗଙ୍କ ସହ ଚର୍ଚ୍ଚ ପାଳକ ରେଭ. ସୁନୀଲ କୁମାର ତାଣ୍ଡି, ରେଭ. ଧିରେନ ନନ୍ଦ, ରେଭ. ସୁରେଶ ନାଗ, ରେଭ. ଶରତ ବଲ୍ଲବ ବାଗ, ଦୁର୍ଯ୍ୟୋଧନ ନାଗ ପ୍ରମୁଖଙ୍କ ସହିତ ସମାଜର ମାନ୍ୟଗଣ୍ୟ ବ୍ୟକ୍ତି, ସମ୍ପର୍କୀୟ ଓ ପଡ଼ାବାସୀଙ୍କ ଉପସ୍ଥିତିରେ ଖ୍ରୀଷ୍ଟଧର୍ମ ବିଧି ଅନୁସାରେ ବୁର୍ଲା ମହତାବନଗରସ୍ଥିତ କବରସ୍ଥାନରେ କବର ଦିଆଯାଇଥିଲା।

# ପାର୍କିଂ ବ୍ୟବସ୍ଥା ନ ଥିବାରୁ ଟ୍ରାଫିକ୍ ଜାମ୍

**ସମ୍ବଲପୁର,୨୪।୨(ଭବାନୀ ଶଙ୍କର ଭୋଇ)**



ସହରର ରିଂରୋଡ ରାସ୍ତାକଡ ଜାମ ହୋଇଛି।

କ୍ରମବର୍ଦ୍ଧିଷ୍ଣୁ ସମ୍ବଲପୁର ସହରରେ ପାର୍କିଂ ସମସ୍ୟା ଗୁରୁତର ସମସ୍ୟାଭାବେ ଉଭା ହୋଇଛି। ଗାଡ଼ି ପାର୍କିଂ ପାଇଁ କୌଣସି ବିଧିବଦ୍ଧ ବ୍ୟବସ୍ଥା କରା ନ ଯିବାରେ ଲୋକେ ଯିଏ ଯେଉଁଠି ଖାଲି ଜାଗା ଦେଖିଲେ ସେଠି ନିଜର ଯାନ, ବାହାନ ରଖି ଦେଉଛନ୍ତି। ଏଥିରୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ସହରର ବ୍ୟସ୍ତବହୁଳ ଛକ ଏବଂ ରାସ୍ତାରେ ଯାତାୟାତ କଠିନ ହେଉଛି। ବିଶେଷକରି ଗୋଲବଜାର, ଲକ୍ଷ୍ମୀଛକ, ଫାଟକ, ଚର୍ଚ୍ଚଛକ, ଅଇଁଠାପାଲି, ବରେଇପାଲି, ବଡବଜାର, ସାନ ସଡକ, ବଡସଡକ ଆଦି ଅଞ୍ଚଳରେ ଟ୍ରାଫିକ ସମସ୍ୟା ଗୁରୁତର ରୂପ ଧାରଣ କରୁଛି। ପର୍ବ ପର୍ବାଣୀ ସମୟରେ ଅବସ୍ଥା ସଙ୍ଗୀନ ହେଉଛି। ଏଥିସହ ସହରର ବିଭିନ୍ନ ରାସ୍ତାକଡରେ ଉଠା ଦୋକାନୀମାନେ ପସରା ଲମ୍ବାଇବାରେ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ଏ ସବୁର ସମାଧାନ ପାଇଁ ମହାନଗର କିମ୍ବା ପୋଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି।

ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ସମ୍ବଲପୁର ସହରର ବିଭିନ୍ନ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯାଇ ପ୍ରଶସ୍ତିକରଣ କରାଯାଉଛି। ହେଲେ ଏପର୍ଯ୍ୟନ୍ତ ସହରର କୌଣସି ସ୍ଥାନକୁ ପାର୍କିଂ ଏରିଆଭାବେ ଚିହ୍ନଟ କରାଯାଇ ବିଜ୍ଞପ୍ତି ପ୍ରକାଶ କରାଯାଇନାହିଁ। କହିବାକୁ ଗଲେ ମହାନଗର ନିଗମ ଲୋକଙ୍କୁ ପାର୍କିଂ ଭଳି ମୌଳିକ ସୁବିଧା ଯୋଗାଇବାରେ ବିଫଳ ହୋଇଛି। ଦେୟଯୁକ୍ତ ପାର୍କିଂ ବ୍ୟବସ୍ଥା କରିବାକୁ ଜନସାଧାରଣ ଦାବି କରିଆସୁଛନ୍ତି। ବିଶେଷ କରି ଗ୍ରାହକମାନଙ୍କ ପାଇଁ ବଜାର ନିକଟରେ ଜାଗା ଚିହ୍ନଟ କରି ପାର୍କିଂ ବ୍ୟବସ୍ଥା କରିବା ଜରୁରୀ ହୋଇଥିବା ବେଳେ ତାହା ଏ ଯାଏ କରାଯାଇନାହିଁ। ଏ ନେଇ ମହାନଗର ନିଗମର ଆୟୁକ୍ତ ବେଦଭୂଷଣଙ୍କ ପଚାରିବାରୁ ସେ କହିଛନ୍ତି, ସହର ଭିତରେ ସରକାରୀ ଜମିର ଅଭାବ ରହିଛି। ତେଣୁ ରାସ୍ତାକଡରୁ ବର୍ତ୍ତମାନ ଜବରଦଖଲ ଉଚ୍ଛେଦ କରାଯାଉଛି। ଖାଲିସ୍ଥାନରେ ପାର୍କିଂ ବ୍ୟବସ୍ଥା ପାଇଁ ଚିନ୍ତା କରାଯାଇଛି। ଏଥିସହ ସହରର କେତେକ ସ୍ଥାନରେ ନୋ ପାର୍କିଂ ଜୋନ ବ୍ୟବସ୍ଥା କରାଯିବ। ବ୍ୟବସାୟୀମାନଙ୍କୁ ନିଜ ଦୋକାନ ସମ୍ମୁଖରେ ପାର୍କିଂ ସୁବିଧା କରିବାକୁ କୁହାଯିବ ବୋଲି ସେ କହିଛନ୍ତି।

# ଏଆଇର ପ୍ରୟୋଗ ନେଇ ପାକ୍ଷିକ ପ୍ରଶିକ୍ଷଣ



କୃତ୍ରିମ ବୁଦ୍ଧିମତ୍ତା ପ୍ରୟୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସମ୍ବଲପୁର,୨୪।୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଯୁକ୍ତି ବିଜ୍ଞାନ ସଂସ୍ଥାନ(ସୁଇଟ)ଦ୍ୱାରା କମ୍ପ୍ୟୁଟର ସାଇନ୍ସ, ଇଲେକ୍ଟ୍ରୋନିକ୍ସ ଏବଂ ଇଲେକଟ୍ରିକାଲ୍ ଇଞ୍ଜିନିୟରିଂରେ କୃତ୍ରିମ ବୁଦ୍ଧିମତା(ଏଆଇ) ପ୍ରୟୋଗ ବିଷୟରେ ସୋମବାର ପାକ୍ଷିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୁଇଟ ସେମିନାର ହଲରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବିଶିଷ୍ଟ ଶିକ୍ଷାବିତ୍‌ମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡ଼ ପ୍ରବୀର କୁମାର ସେଠୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଏବଂ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର୍ ଏକାମ୍ବର କରାଲୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ଏନଆଇଟି ରାଉରକେଲାର ପ୍ରଫେସର୍ ଏସ୍.ଡ଼ି. ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ଆଧୁନିକ ଇଞ୍ଜିନିୟରିଂରେ ଏଆଇର ଅପରିହାର୍ଯ୍ୟ ଭୂମିକା ବିଷୟରେ ଆଲୋଚନା କରିଥିଲେ। ସୁଇଟ୍ ନିର୍ଦ୍ଦେଶକ ଡ଼. ସୁଦର୍ଶନ ଜେନା ଏଆଇର ଶୈକ୍ଷିକ ଉନ୍ନତି ବିଷୟରେ ତାଙ୍କ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ୭ଯାଏ ଚାଲିବ। ଅଧ୍ୟାପକ ଏବଂ ଗବେଷକମାନଙ୍କୁ ବିଭିନ୍ନ ଇଞ୍ଜିନିୟରିଂ ବିଷୟରେ ଏଆଇର ବ୍ୟବହାର ଉପରେ ବ୍ୟବହାରିକ ଜ୍ଞାନ ଦିଆଯାଇଥିଲା। ଏହି ପିଡିଏଫ ନିୟନ୍ତ୍ରଣ ପ୍ରଣାଳୀ, ସିଗ୍ନାଲ୍ ପ୍ରୋସେସିଂ, ରୋବୋଟିକ୍ସ, ବିଗ୍ ଡାଟା ବିଶ୍ଳେଷଣ, ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍, ବାୟୋମେଡିକାଲ୍ ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବିଷୟରେ ଏଆଇର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆସନ୍ତା ୧୪ଦିନ ମଧ୍ୟରେ ଆଇଆଇଟି, ଏନଆଇଟି,ଇସରୋ, ଡିଆରଡିଓ ଆଦି ସଂସ୍ଥାର ବିଷେଷଜ୍ଞମାନେ ବ୍ୟାଖ୍ୟାନ ପ୍ରସ୍ତୁତ କରିବା ଯୋଜନା ରହିଛି। ସୁଇଟର ଏକାଡେମିକ୍ ଡିନ୍ ପ୍ରଫେସର୍ ଏନ୍.କେ. ବଡପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ।

# ଜିଏମ୍‌ୟୁରେ ଶ୍ରୀମତ ସାହୁ ସ୍ମାରକୀ ବକ୍ତୃତା



ବକ୍ତୃତା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

**ସମ୍ବଲପୁର,୨୪।୨(ପ୍ରମୋଦ ବହିଦାର)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ଇଂଲିଶ ବିଭାଗ ପକ୍ଷରୁ ପ୍ରଫେସର ଶ୍ରୀମତ ସାହୁ ସ୍ମାରକୀ ବକ୍ତୃତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଏମ୍‌ୟୁ ପରିସରସ୍ଥ ଏଲ୍‌ଜି-୧ରେ କୁଳପତି ପ୍ରଫେସର ଏନ୍ ନାଗରାଜୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବକ୍ତୃତାରେ ମୁଖ୍ୟବକ୍ତାଭାବେ ଆଭାସୀରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ର ପ୍ରଫେସର ସୌଗତ ଭାଦୁଡ଼ୀ ଯୋଗଦେଇ ଲିଟେରାରୀ ଥିଓରୀ ଆଣ୍ଡ ଇଟ୍‌ସ ଡିସକଣ୍ଟେଣ୍ଟ୍ସ ଶୀର୍ଷକ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ପ୍ରଫେସର ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ର. କାଳିଦାସ ମିଶ୍ର, ପ୍ର. ସବିତା ତ୍ରିପାଠୀ, ଡ. କାମଦେବ ସାହୁ, ଡ. ବିଷ୍ଣୁପ୍ରିୟା ହୋତା, ଡ. ପ୍ରଦୀପ ପଣ୍ଡା ଓ ଡ. ଦାଶରଥି ପାତ୍ର ଉପସ୍ଥିତ ଥିଲେ। ଜିଏମ୍‌ୟୁ କୁଳସଚିବ ସନତ କୁମାର ନାଏକ, ଉପକୁଳସଚିବ ଡ. ଉମାଚରଣ ପତି, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ର. ଜ୍ଞାନରଞ୍ଜନ ସ୍ୱାଇଁଙ୍କ ସମେତ ବିଶ୍ୱବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱର୍ଗତ ପ୍ରଫେସର ସାହୁଙ୍କ ସୁପୁତ୍ରୀ ବିଜୟ ଖମାରୀ, ଜାମାତା ରତ୍ନାକର ଖମାରୀ, ନାତି ସୁଦୀପ ଖମାରୀ ପ୍ରଫେସର ଶ୍ରୀମତ ସାହୁଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଡ. ବ୍ରହ୍ମାନନ୍ଦ ପାତ୍ରା, ଡ. ସଞ୍ଚୟିତା ତ୍ରିପାଠୀ, ଡ. ନମ୍ରତା ବେହେରା, ଯଶପାଲ କୌର ଓ ଜିତେନ୍ଦ୍ର ସେଠୀ ପ୍ରମୁଖ ଅଧ୍ୟାପିକା ଓ ଅଧ୍ୟାପକମାନଙ୍କ ସହ ଇଂଲିଶ ବିଭାଗ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ରେଢ଼ାଖୋଲ, ୨୪।୧(ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ୬୫ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୧୨ଟି ସାମୂହିକ ଓ ୫୩ଟି ବ୍ୟକ୍ତିଗତ ଥିଲା। ଅଭିଯୋଗଗୁଡିକ ମଧ୍ୟରେ ରାଞ୍ଚି- ବିଜୟୱାଡା ଜାତୀୟ ରାଜପଥର କଦଳିଗଡ ଓ ୫୫ନଂ ଜାତୀୟ ରାଜପଥର ବାମୁରଠାରେ ଥିବା ଟୋଲଗେଟରେ ସ୍ଥାନୀୟ ଜନସାଧାରଣଙ୍କ ଗାଡିରୁ ଟୋଲ ଆଦାୟ ବନ୍ଦ କରିବା ନେଇ ଅଭିଯୋଗ ହୋଇଥିଲା। ରେଢାଖୋଲ ସହରରୁ ମାତ୍ର ୧୭କିମି ଦୂରରେ ଥିବା ଏହି ଟୋଲଗେଟ ୨ଟିରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରାଣାଳୟର ନୀତିର ଖିଲାପ କରୁଥିବା ଯୋଗୁ ଟୋଲ ଆଦାୟ ବନ୍ଦ କରିବାକୁ ଜନସାଧାରଣ ଦାବି କରିଥିଲେ। ଏଥି ସହିତ ୯ ଟି ପଞ୍ଚାୟତରେ ଚାଲିଥିବା ମେଗା ପାନୀୟ ଜଳପ୍ରକଳ୍ପ ସମସ୍ୟା, ରାସ୍ତା ନିର୍ମାଣ, ପଟ୍ଟା ପ୍ରଦାନ, ଜମି ମାପ, ଜବକାର୍ଡ, ସ୍ୱାସ୍ଥ୍ୟ, ସୁଭଦ୍ରା ଯୋଜନା, ଭତ୍ତା ଇତ୍ୟାଦି ରହିଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ଅଭିଯୋଗଗୁଡିକର ତୁରନ୍ତ ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ରେଢ଼ାଖୋଲ ଉପଜିଲାପାଳ ରଶ୍ମି ରଞ୍ଜନ ମହାନ୍ତ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ ମେହେର, ବିଡିଓ ରାଜେନ୍ଦ୍ର ପ୍ରସାଦ ସେନାପତି, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆ, ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦୁର୍ଗା ମଣ୍ଡପ, ଲ୍ୟାମ୍ପ୍ସ ସମିତି ଗୃହ ଭୂମିପୂଜନ

**କୁଚିଣ୍ଡା,୨୪।୨(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର କୁସୁମୀରେ ସୋମବାର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଦ୍ୱାରା ଦୁର୍ଗାପୂଜା ମଣ୍ଡପ ଓ ନୂତନ ଲ୍ୟାମ୍ପ୍ସ ସମିତି ଗୃହର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମନ୍ତ୍ରୀ ନାଏକ ଯୋଗଦେଇ ମଣ୍ଡପ ନିର୍ମାଣ ଦ୍ୱାରା ଦୁର୍ଗାପୂଜା ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସୂଚାରୁଭାବେ ସମ୍ପାଦିତ ହୋଇପାରିବ ବୋଲି କହିଥିଲେ। ଅନ୍ୟପକ୍ଷରେ ନୂତନ ଲ୍ୟାମ୍ପ୍ସ ସମିତି ଗୃହରେ ୭ଟି ପଞ୍ଚାୟତର ଚାଷୀ ଉଚିତ ସେବା ପାଇବାରେ ସକ୍ଷମ ହୋଇପାରିବ ବୋଲି କହିଥିଲେ। କୁସୁମୀ କଳା ଓ କଳାକାର ସଂଘ ଦ୍ୱାରା ଦୀର୍ଘ ୭ବର୍ଷ ଧରି ହୋଇ ଆସୁଥିବା ରାମଲୀଳା ମହୋତ୍ସବର ପ୍ରଚାର ପ୍ରସାର ଓ ଗ୍ରହଣୀୟତା ଆହୁରି ଆଗକୁ ଯିବ। ଏଥିପାଇଁ ଭିତ୍ତିଭୂମିରେ ଅବଶ୍ୟକ ଅର୍ଥର ଅଭାବ ରହିବ ନାହିଁ ବୋଲି ମନ୍ତ୍ରୀ ନାଏକ କହିଥିଲେ। ରାଜ୍ୟ ସରକାର ଚାଷୀର ଆୟକୁ ଦ୍ୱିଗୁଣିତ କରିବା ଦିଗରେ ସର୍ବଦା କାର୍ଯ୍ୟ କରୁଛନ୍ତି। ତେଣୁ ଚାଷୀମାନେ ନିଜର କର୍ତ୍ତବ୍ୟରେ ଅବହେଳା ନକରି ଆଗେଇବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଏମ୍‌ପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, କୁସୁମୀ ସରପଞ୍ଚ ସଂକୀର୍ତ୍ତନ କିଷାନ, ଗ୍ରାମ୍ୟ କମିଟି ସଭାପତି ଆଦିତ୍ୟ ପଟେଲ, କଳା ଓ କଳାକାର ସଂଘ ସଭାପତି ବିଭୂତି କଲ୍ୟାଣ ପଟେଲ, ରାମଲୀଳା ନିର୍ଦ୍ଦେଶକ ଚନ୍ଦ୍ରଭାନୁ ନାଏକ, ଆୟୋଜକ ସଞ୍ଜୟ ଗୌଡ, ଲ୍ୟାମ୍ପ୍ସ ସମିତି ସଭାପତି ବିପ୍ରଚରଣ ବାଘ, ସମସ୍ତ ନିର୍ଦ୍ଦେଶକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



ଦୁର୍ଗା ମଣ୍ଡପ ଭୂମିପୂଜନ ଅବସରରେ ମନ୍ତ୍ରୀ ରବିନାରାୟଣ ନାଏକ ଓ ଅନ୍ୟମାନେ।

## ସମ୍ବଲପୁର କପ୍ ଫୁଟ୍‌ବଲ ପ୍ରତିଯୋଗିତା

# ସମ୍ବଲପୁର ଫୁଟବଲ ଏକାଡେମୀ ବିଜୟୀ

**ସମ୍ବଲପୁର,୨୪।୨(ଭବାନୀ ଶଙ୍କର ଭୋଇ)**

୧୨ ବର୍ଷ ପରେ ସୋମବାର ପୁଣି ଥରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅଲ୍ ଇଣ୍ଡିଆ ସମ୍ବଲପୁର କପ୍ ଫୁଟବଲ୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ସମ୍ବଲପୁର ଫୁଟ୍‌ବଲ୍ ଏକାଡେମୀ ଓ ସମ୍ବଲପୁର ଜିଲା କ୍ରୀଡ଼ା ସଂଘର ମିଳିତ ଉଦ୍ୟମରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଉଦ୍‌ଘାଟନୀ ମ୍ୟାଚ ସମ୍ବଲପୁର ଫୁଟବଲ ଏକାଡେମୀ ଏବଂ ସିଏଏ ରାଞ୍ଚି ମଧ୍ୟରେ ହୋଇଥିଲା । ୪୩ ମିନିଟରେ ସମ୍ବଲପୁର ଫୁଟବଲ ଏକାଡେମୀର ଡେବିଡ ପ୍ରଥମ ଗୋଲ ସ୍କୋର କରିଥିଲେ। ୪୮ ମିନିଟରେ ଇବ୍ରାହିମ ଦ୍ୱିତୀୟ ଗୋଲ ଏବଂ ୯୧ ମିନିଟରେ ଡୋଲାମଣି ଓରାମ ତୃତୀୟ ଗୋଲ ସ୍କୋର କରିଥିଲେ। ଫଳରେ ସମ୍ବଲପୁର ଫୁଟବଲ ଏକାଡେମୀ ସିଏଏ ରାଞ୍ଚିକୁ ୩-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ବିଧାୟକ ତଥା ସମ୍ବଲପୁର କପ୍ ଫୁଟବଲ୍ ଆୟୋଜନ କମିଟି ଅଧ୍ୟକ୍ଷ ଜୟ ନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାୟକ, ଉତ୍ତରାଞ୍ଚଳ ଆରଡିସି ସଚିନ ରାମଚନ୍ଦ୍ର ଯାଦବ, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ ଭାମୁ, ସମ୍ବଲପୁର ଫୁଟବଲ୍ ଏକାଡେମୀ ସମ୍ପାଦକ ଅତନୁ ଘୋଷ, ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ସଭାପତି ସୁନିଲ ସାହୁ ଉଦଘାଟନୀ ଉତ୍ସବରେ ସାମିଲ ହୋଇଥିଲେ। ଏହି ପ୍ରତିଯୋଗିତା ଆସନ୍ତା ମାର୍ଚ୍ଚ ୩ ଯାଏ ଚାଲିବ। ୧୩ତମ ସମ୍ବଲପୁର କପ୍ ଫୁଟବଲ୍ ପ୍ରତିଯୋଗିତା ପ୍ରଥମ ଥର ପାଇଁ ଫ୍ଲଡଲାଇଟ୍‌ରେ ଆୟୋଜନ କରାଯାଇଥିଲା । ବିଜେତା ଦଳକୁ ୩ ଲକ୍ଷ ଟଙ୍କା ଓ ଉପବିଜେତା ଦଳକୁ ୨ ଲକ୍ଷ ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ଉଦ୍‌ଘାଟନୀ ମ୍ୟାଚର ଏକ ଦୃଶ୍ୟ।

## ଗାଈସହ ବାଇକ ଧକ୍କା, ଆରୋହୀ ମୃତ

**କୁଚିଣ୍ଡା,୨୪।୨(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା ମହୁଲପାଲି ଥାନା ସୋଲବଗା ୨୪ନଂ ରାଜ୍ୟ ରାଜପଥରେ ସୋମବାର ଏକ ଗାଈକୁ ଧକ୍କା ଦେଇ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ବାମରା ଅଞ୍ଚଳର ଜଗା କଲେତ(୨୬)ଓ ଗୁରୁତର ଆହତ ଯୁବକ କୁଚିଣ୍ଡାର କାହ୍ନା ଘାସି(୨୫)। ସୋମବାର ଅପରାହ୍ନ ସାଢେ ୫ଟାରେ ଜଗା ଓ କାହାନା ଏକ ବାଇକରେ କୁଚିଣ୍ଡାରୁ ଯାଉଥିବାବେଳେ ସୋଲବଗାଠାରେ ଏକ ଗାଈସହ ଧକ୍କା ହୋଇଥିଲା। ଗାଈର ମୃତ୍ୟୁ ଘଟିଥିଲା। ଉଭୟଙ୍କୁ କୁଚିଣ୍ଡା ମେଡିକାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ଜଗାଙ୍କୁ ମୃତ ଘୋଷଣା କରିଥିଲେ।

# ରେଲୱେ ସାଇଡିଂକୁ ବିରୋଧ

**କୁଚିଣ୍ଡା,୨୪।୨(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା ବାମରା ବ୍ଲକ ସଗରା ପଞ୍ଚାୟତରେ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ରେଲୱେ ସାଇଡିଂ ନିର୍ମାଣକୁ ନେଇ ତୁମୁଳକାଣ୍ଡ ଘଟିଛି। ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ପ୍ରଶାସନର ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ସକାଳ ୮ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦୀର୍ଘ ୮ଘଣ୍ଟାଧରି ଲୋକେ ପଞ୍ଚାୟତ ଅଫିସ ସମ୍ମୁଖରେ ରେଲୱେ ସାଇଡିଂ ବିରୋଧରେ ନାରାବାଜି କରିଥିଲେ।

ସୁନ୍ଦରଗଡ ଜିଲା ସୀମାନ୍ତବର୍ତ୍ତୀ ବାମରା ବ୍ଲକ ସଗରା ରେଳ ଷ୍ଟେଶନକୁ ଲାଗି ସାଇଡିଂ ପାଇଁ କମ୍ପାନୀ ପକ୍ଷରୁ ପ୍ରାୟ ବର୍ଷେ ହେବ କାମ ଆରମ୍ଭ କରିଛି। ଏଥିନିମନ୍ତେ କମ୍ପାନୀ ପଞ୍ଚାୟତ କିମ୍ବା ପ୍ରଶାସନର ବିନା ଅନୁମତିରେ କାର୍ଯ୍ୟ କରୁଥିବାରୁ ପଞ୍ଚାୟତବାସୀ ଏହାର ବିରୋଧ କରିଥିଲେ। କମ୍ପାନୀର ମନମୁଖୀ କାର୍ଯ୍ୟ ଯୋଗୁଁ ଜଙ୍ଗଲ ନଷ୍ଟ, ରାସ୍ତାଘାଟ ଖରାପ, ପରିବେଶ ପ୍ରଦୂଷଣ ସହ ଚାଷ ଜମି ନଷ୍ଟ ହେବା ଆଶଙ୍କାରେ ଲୋକଙ୍କ ମଧ୍ୟରେ ଥିବା ଅସନ୍ତୋଷ ଦେଖାଦେଇଥିଲା। ଏନେଇ ପଞ୍ଚାୟତ ପକ୍ଷରୁ ସରପଞ୍ଚ ସୋମବାର ଏକ ସ୍ୱତନ୍ତ୍ର ଗ୍ରାମସଭା ନୋଟିସ କରିଥିଲେ। ହେଲେ ଏହା ହଠାତ ବାତିଲ ହେବାରୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପଞ୍ଚାୟତ ଅଫିସ ସମ୍ମୁଖରେ ଲୋକେ ଏକତ୍ରିତ ହୋଇଥିଲେ। ଲୋକଙ୍କ ଅସନ୍ତୋଷ ଖବରପାଇ ସରପଞ୍ଚ ପଞ୍ଚାୟତକୁ ଦୀର୍ଘ ସମୟ ଧରି ଆସି ନ ଥିଲେ। ଖବରପାଇ କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାସ, ଗୋବିନ୍ଦପୁର ଥାନା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ନରେ ସରପଞ୍ଚ ଗୋଲାପି ବାଘ ଘଟଣାସ୍ଥଳରେ ପହଞ୍ଚି ପୋଲିସ ସୁରକ୍ଷା ଦୃଷ୍ଟିରୁ ଗ୍ରାମସଭା ବାତିଲ କରିଥିବା କହିଥିଲେ। ମାଟ୍ରିକ ପରୀକ୍ଷା ଚାଲିଥିବାରୁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ସମ୍ଭବପର ନହେବାରୁ ଏହି ଗ୍ରାମସଭା ବାତିଲ କରିବାକୁ ପଡିଥିବା ଏସ୍‌ଡିପିଓ ଦାସ କହିଥିଲେ। ପରୀକ୍ଷା ପରେ ଗ୍ରାମସଭା ତାରିଖ ଧାର୍ଯ୍ୟ କରାଯିବ ଏବଂ ସେଯାଏ କମ୍ପାନୀର କାର୍ଯ୍ୟ ବନ୍ଦ ପାଇଁ ପ୍ରତିଶ୍ରୁତି ଦେବାରୁ ଉତ୍ତେଜନା ପ୍ରଶମିତ ହୋଇଥିଲା।

ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ସୁନ୍ଦରଗଡ ଜିଲା କୁତ୍ରାଠାରେ ଏକ ପ୍ଲାଣ୍ଟ କରିଛି। କୁତ୍ରାରୁ ସଗରା ରେଳ ଷ୍ଟେଶନ ପାଖ ହେଉଥିବାରୁ ସଗରାଠାରେ ସାଇଡିଂ କାର୍ଯ୍ୟ ଆରମ୍ଭ କରିଛି। ସଗରାରେ ଟ୍ରେନରୁ କୋଇଲା ପଥର କୁତ୍ରା ପ୍ଲାଣ୍ଟକୁ ଯିବା ଓ ସେଠାରୁ ନିର୍ଗତ କ୍ଲିଙ୍କର ପାଉଁଶ ଆସି ପୁଣି ଟ୍ରେନରେ ପରିବହନ କରିବା ଉଦ୍ଦେଶ୍ୟରେ କମ୍ପାନୀ ଏଠାରେ ସାଇଡିଂ ନିର୍ମାଣ କରୁଛି। କମ୍ପାନୀ ସାଇଡିଂ ଦ୍ୱାରା ପରିବେଶ ପ୍ରଦୂଷଣ ସହ ଜଙ୍ଗଲ ନଷ୍ଟ ହେବ ବୋଲି ଲୋକେ ଏହାକୁ ବିରୋଧ କରୁଥିବା କୁହାଯାଉଛି। ସଗରା ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ସନ୍ତୋଷ ନାୟକ, ନାଏବ ସରପଞ୍ଚ ଦିଲୀପ ସାହୁ, ସୌରଭ ପ୍ରଜାପତି, ଭାସ୍କର ଚନ୍ଦ୍ର କଂସାରୀ, ପଙ୍କଜ କଂସାରୀ, ସଞ୍ଜୟ ସାହୁ, ଅମର ତିର୍କୀ, ସଞ୍ଜୟ ବାଡା, ସରୋଜ ଭଇଁଷା, ସଞ୍ଜିବ ପୋଢ ଏହାର ନେତୃତ୍ୱ ନେଇଥିଲେ।

# ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ତତ୍ପର ହୁଅ

## କୁଚିଣ୍ଡା ପଞ୍ଚାୟତ ସମିତି ବୈଠକ

**କୁଚିଣ୍ଡା,୨୪।୨(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ସପ୍ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଧ୍ୟକ୍ଷ ଭୁବନେଶ୍ୱର କିଷାନଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିକଶିତ ଗାଁ ବିକଶିତ ଓଡିଶା ଏବଂ ବ୍ଲକ ପଞ୍ଚାୟତ ଉନ୍ନୟନ ଯୋଜନା ସମ୍ପର୍କରେ ମନ୍ତ୍ରୀ ବକ୍ତବ୍ୟ ଦେଇ କହିଥିଲେ, ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଏହି ଦୁଇ ଯୋଜନାକୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ଏହାର ତ୍ୱରାନ୍ୱିତ ସହ ସରକାରୀ ଅଧିକାରୀ ଓ ନିର୍ବାଚିତ ପ୍ରତିନିଧି ମାନେ ଏ ଦିଗରେ ତତ୍ପରତାର ସହ କାମ କରିବାକୁ ପରାମର୍ଶ ଦେଇଥିଲେ। ଏହାଛଡା ଗ୍ରାମାଞ୍ଚଳର ବିକାଶ ନିମନ୍ତେ ଗ୍ରାମସଭା ମାଧ୍ୟମରେ ପଞ୍ଚାୟତମାନଙ୍କରୁ ଆସିଥିବା ପଞ୍ଚବାର୍ଷିକ ଯୋଜନା ଭିତ୍ତିକ ପ୍ରସ୍ତୁତ କାର୍ଯ୍ୟ ଖସଡା ସମ୍ପର୍କରେ ସେ ଆଲୋଚନା କରିଥିଲେ। ପରେ ବୈଠକରେ କୃଷି ଓ ଉଦ୍ୟାନକୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା, କ୍ଷୁଦ୍ର ଜଳସେଚନ ଓ ଉଠାଜଳସେଚନ, ଓଡିଶା ଜୀବିକା ମିଶନ,ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଏମପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରଶ୍ମିତା ନାଏକ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ ଓ ଅଜିତ ମହାପାତ୍ର, ଜିପିଡିଓ ମନ୍ତ୍ରାରାମ ପ୍ରଧାନ, ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ପିଇଓଙ୍କ ସମେତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ। ବିଡିଓ ଜୟନ୍ତ ସାହୁ ସଭା ପରିଚାଳନା କରିଥିବା ବେଳେ ଏବିଡିଓ ସହଦେବ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



ପଞ୍ଚାୟତ ସମିତି ବୈଠକରେ ମନ୍ତ୍ରୀ ରବିନାରାୟଣ ନାଏକ ଓ ଅନ୍ୟମାନେ।

## ୪୬ ଅଭିଯୋଗ ଶୁଣିଲେ ଜିଲାପାଳ

କନ୍ଧମାଳ,(ଆଦିତେଶ୍ୱର ମିଶ୍ର): ବୌଦ୍ଧ ବ୍ଲକ୍ ଶଗଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଅନୁଷ୍ଠିତ ଶୁଣାଣିରେ ୪୬ ଅଭିଯୋଗ ଆସିଥିଲା। ସେଥିରୁ ୩୯ବ୍ୟକ୍ତିଗତ ଓ ୭ଟି ସାମୂହିକ ଥିଲା। ୩୪ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଶିବିରରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୁଗ୍ମ ଶୁଣାଣି ଶିବିର

କଣ୍ଟାବାଞ୍ଜି,୨୪।୨(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ୫୦ ଅଭିଯୋଗର ଶୁଣାଣି କରାଯାଇଥିଲା। ଜିଲାପାଳ ଶିବାଜୀ ଗୌରବ ଇସଲୱାର, ଏସ୍‌ପି ରିଷିକେଶ ଖିଲାରି, ଟିଟିଲାଗଡ ଉପଜିଲାପାଳ ରେହାନ ଖେତ୍ରୀ, ପି.ଡି. ଡିଆରଡିଏ ଓ ପି.ଡି. ଡୁଡା ଉପସ୍ଥିତ ଥିଲେ । ଶିବିରରେ ତୁରେକେଲା, ମୁରିବାହାଲ ଓ ବଙ୍ଗୋମୁଣ୍ଡା ବ୍ଲକର ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ ।

### ଆଇଆଇଏମ୍‌ରେ ଟେଡ୍‌ଏକ୍ସ କାର୍ଯ୍ୟକ୍ରମ

ସମ୍ବଲପୁର,୨୪।୨(ବି. ଶଙ୍କର)

ଆଇଆଇଏମ୍ ସମ୍ବଲପୁର କ୍ୟାମ୍ପସରେ ଟେଡ୍‌ଏକ୍ସ କାର୍ଯ୍ୟକ୍ରମ ଅଭିନବତା, ପରିବର୍ତ୍ତନମୂଳକ ଭୌତିକ ଚିନ୍ତାଧାରା ପାଇଁ ପ୍ରେରଣାର ମଞ୍ଚ ବୋଲି ବକ୍ତାମାନେ କହିଛନ୍ତି। ବସନ୍ତପୁରସ୍ଥିତ ଆଇଆଇଏମ୍ ସମ୍ବଲପୁରର କୋଣାର୍କ ପ୍ରେକ୍ଷାଳୟରେ ଶନିବାର ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟଶ୍ୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଟେଡ୍‌ଏକ୍ସ ଟକ୍ ଅନାଗତ୍: ଦି ଅନମାନିଫେଷ୍ଟେଡ୍ ଫ୍ୟୁଚର ଶୀର୍ଷକ କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତାମାନେ ଏହା କହିଛନ୍ତି। ଟେଡ୍‌ଏକ୍ସ ଟକ୍ କାର୍ଯ୍ୟକ୍ରମ ମାଧ୍ୟମରେ ସମଗ୍ର ଭାରତର ବିଭିନ୍ନ ଦୂରଦର୍ଶୀମାନଙ୍କ ଦ୍ୱାରା ଉଦ୍ଭାବନ ଓ ପରିବର୍ତ୍ତନଶୀଳ ଚିନ୍ତାଧାରା ସୃଷ୍ଟି କରି ଭବିଷ୍ୟତର ଯୁବ ବୁଦ୍ଧିଜୀବୀଙ୍କୁ ସେମାନଙ୍କ ଆକାଂକ୍ଷା ପୂରଣ ପାଇଁ ପ୍ରେରଣା ଯୋଗାଇଛି ବୋଲି ବକ୍ତାମାନେ କହିଛନ୍ତି। ଉଦୟପୁରର ଭୋଟାରୀ ମେୱାରର ପ୍ରତିଷ୍ଠାତା ମହାରାଜ କୁନୱରାଣୀ ସାହିବା ନିବୃତି କୁମାରୀ, ଓଡ଼ିଶା ଟେଲିଭିଜନ ଗ୍ରୁପ୍‌ର ଡିଜିଟାଲ ବ୍ୟବସାୟ ମୁଖ୍ୟ ଲିଟିଶା ମଙ୍ଗତ ପଣ୍ଡା, ମିସ୍ ଟ୍ରାନ୍ସ କୁଇନ୍–୨୦୨୩ର ପ୍ରଥମ ଉପବିଜେତା ଇଲା ଡି ବର୍ମା, ମିସେସ୍ ଇଣ୍ଡିଆ ଆଇଏନ୍‌ସି ଫେମ୍ ଇଣ୍ଟରନ୍ୟାଶନାଲ ମିସେସ୍ ଇଣ୍ଡିଆ ୱାର୍ଲ୍ଡ–୨୦୧୬ର ପ୍ରତିଷ୍ଠାତା ମୋହିନୀ ଶର୍ମା, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଇତିଶା ନାଗର ପ୍ରମୁଖ ଯୋଗ ଦେଇଥିଲେ। ସେହିପରି କାର୍ଯ୍ୟକ୍ରମରେ କେରଳର ପ୍ରଥମ କିନ୍ନର ଆଇନଜୀବୀ ପଦ୍ମା ଲକ୍ଷ୍ମୀ, ଓଡ଼ିଶା କମିଶନରେଟ୍ ପୋଲିସର ସହକାରୀ ପୋଲିସ କମିଶନର ଅଞ୍ଜନା ଟୁଡ୍ଡୁ, ଫୁଡ୍ ଫାଇଣ୍ଡୋ ଓ ନୋମାଡିକ୍ ନ୍ୟାରେଟର୍‌ର ପ୍ରତିଷ୍ଠାତା ରୋହିତ ଶ୍ରୀବାସ୍ତବ, ଫୋର୍ସର ପ୍ରତିଷ୍ଠାତା ଓ କ୍ୟାପଟେନ୍ ଧରମବୀର ସିଂହ ନିଜର ଅନୁଭୂତି ବର୍ଣ୍ଣନ କରିଥିଲେ।

### ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ନୈତିକତା ସପ୍ତାହ ଶୁଭାରମ୍ଭ

ସମ୍ବଲପୁର,୨୪।୨(ବି.ଶଙ୍କର)

ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ) ପକ୍ଷରୁ ବୁର୍ଲାସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ନୈତିକତା ସପ୍ତାହ ସୋମବାର ଶୁଭାରମ୍ଭ କରାଯାଇଛି। ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ ନୈତିକ ପରାମର୍ଶଦାତା ପି.ପି. ତେନ୍ଦୁଲକର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ପ୍ରବୀଣ ବର୍ମା, ମାନବ ସମ୍ବଳ ବିଭାଗ ମୁଖ୍ୟ କସମସ ଲାକ୍ରାଙ୍କ ସମେତ ବିଭିନ୍ନ ବିଭାଗ ମୁଖ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଟାଟା ଆଚରଣ ସଂହିତା (ଟାଟା କୋଡ ଅଫ କଣ୍ଡକ୍ଟ)କୁ କର୍ମଚାରୀମାନେ ସେମାନଙ୍କର ବୃତ୍ତିଗତ ଏବଂ ବ୍ୟକ୍ତିଗତ ଜୀବନରେ ପଢିବା ଓ ଏହାକୁ ଅନୁକରଣ କରିବା ଆବଶ୍ୟକତା ଉପରେ ତେନ୍ଦୁଲକର ଗୁରୁତ୍ୱାରୋପ କରିଥିଲେ । ନୈତିକତା କେବଳ ଯେ ଏକ ପ୍ରସଙ୍ଗ ନୁହେଁ ବରଂ ଏହାର ମୁଖ୍ୟ ଲକ୍ଷ୍ୟ। ଆମେ ନେଉଥିବା ପ୍ରତ୍ୟେକ ନିଷ୍ପତ୍ତିର ମାର୍ଗଦର୍ଶନ କରାଇଥାଏ । ଆମେ ବିଶ୍ୱାସ କରୁ ଯେ ସଠିକ୍ କାର୍ଯ୍ୟ କରିବା କେବଳ ନୈତିକତା ଭାବେ ବାଧ୍ୟତାମୂଳକ ନୁହେଁ, ବରଂ ଏକ ବ୍ୟବସାୟିକ ଭାବେ ବାଧ୍ୟତାମୂଳକ। ଆଜିର ଏହି ନୈତିକତା ସପ୍ତାହ ପାଳନ ଅବସରରେ ଆପଣ ସମସ୍ତେ ସର୍ବୋଚ୍ଚ ସ୍ତରର ସଚ୍ଚୋଟତା ଏବଂ ନୈତିକ ମୂଲ୍ୟବୋଧ ସହିତ କାର୍ଯ୍ୟ କରିବେ ବୋଲି ସିଇଓ ବର୍ମା ମତବ୍ୟକ୍ତ କରିଥିଲେ। ନୈତିକତା ସପ୍ତାହକୁ ଟିପିଡବ୍ଲ୍ୟୁଓଡିଏଲର ସମସ୍ତ ମଣ୍ଡଳ କାର୍ଯ୍ୟାଳୟ ଯଥା ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ରାଉରକେଲା ଏବଂ ଭବାନୀପାଟନାଠାରେ ପାଳନ କରାଯାଇଥିଲା । ଟାଟା ଗ୍ରୁପର ପ୍ରତିଷ୍ଠାତା ସ୍ୱର୍ଗତ ଜାମସେଦଜୀ ନୁଶେରୱାନଜୀ ଟାଟାଙ୍କ ଜନ୍ମ ବାର୍ଷିକୀରେ ଟାଟା ଗ୍ରୁପ ଅଧିନ ସମସ୍ତ ସଂସ୍ଥା ଦ୍ୱାରା ପ୍ରତିବର୍ଷ ନୈତିକ ସପ୍ତାହ ପାଳନ କରାଯାଇଆସୁଛି ।

# ନାରାୟଣପୁରକୁ ନୂତନ ବ୍ଲକ ମାନ୍ୟତା ଦାବି



ବୈଠକରେ ଉପସ୍ଥିତ ଜନସାଧାରଣ।

ସୋନପୁର,୨୪।୨(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟରେ ବ୍ଲକ ସଂଖ୍ୟା ବୃଦ୍ଧି ନେଇ ପଞ୍ଚାୟତିରାଜ ମନ୍ତ୍ରୀ ରାବି ନାରାୟଣ ନାଏକ ଗତ ବିଧାନସଭାରେ ଘୋଷଣା କରିଥିଲେ। ମନ୍ତ୍ରୀଙ୍କ ଏହି ଘୋଷଣା ପରେ ସୋନପୁର ବ୍ଲକ ନାରାୟଣପୁରକୁ ବ୍ଲକ ମାନ୍ୟତା ଦାବି ଜୋର ଧରିଛି। ରବିବାର ସନ୍ଧ୍ୟାରେ ନାରାୟଣପୁର ପଞ୍ଚାୟତ ଅଫିସ ପରିସରରେ ଏକ ଜନସଭା ଅନୁଷ୍ଠିତ ହୋଇଥିଲା। ବହୁ ଦିନରୁ ଜନସାଧାରଣଙ୍କ ପକ୍ଷରୁ ଏ ନେଇ ହୋଇ ଆସୁଥିଲେ ହେଁ ସରକାର ଦୃଷ୍ଟି ଦେଇ ନ ଥିଲେ । ବୈଠକରେ ଏଥିନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ସଭାରେ ନାରାୟଣପୁର ତଥା ଆଖପାଖ ଅଞ୍ଚଳର ଶତାଧିକ ଲୋକ ଯୋଗଦାନ କରିଥିଲେ। ନାରାୟଣପୁର ସରପଞ୍ଚ ପ୍ରମୋଦ ଧରୁଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତାଭାବେ ସନ୍ତୋଷ ପଧାନ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଘୁମଣି ବେହେରା, ଭକ୍ତ ସେଠୀ, ଦାରା ସିଂ କୁମ୍ଭାର, ରାମାନନ୍ଦ କମ୍ପ ଓ ସରୋଜ ତାଣ୍ଡି ମତାମତ ଦେଇଥିଲେ। ସଭାରେ ୧୪ ଗୋଟି ପଞ୍ଚାୟତ ନାରାୟଣପୁର, ବଲାଡି, ପାଇକାହାଲ, ଖାରୀ, ପୁଆ, ଜରାଜାରିଙ୍ଗ, ରାଣୀସର୍ଡା, ରେଙ୍ଗାଲି, ବିଶିମୁଣ୍ଡା, ମୟୁରଉଡାନ, ଖରଜୁରା, ମଲ୍ଲିକମୁଣ୍ଡା, ଲଛିପୁର ଓ ଛକୋରମାଲର ଅଧିବାସୀଙ୍କ ମତାମତ ଗ୍ରହଣ କରି ଦାବିକୁ ଆହୁରି ଜୋରଦାର କରିବାକୁ ସଭାରେ ସ୍ଥିର ହୋଇଥିଲା। ଏଥିରେ ଭାଜପା ନେତା ରାମେଶ୍ୱର ପଧାନ, ଶବର ମଲ୍ଲିକ, ଅଜଲ ଖାନ, ଅଭିରାମ ଘିବେଲା, ରମେଶ ଚନ୍ଦ୍ର ମିଶ୍ର, ଶ୍ରୀହରି ଦୀପ, ସୈମିତ୍ରୀ କମ୍ପ, ପ୍ରେମା ମିଶ୍ର, ଶିବ ସାହୁ, ପୁରନ୍ଦର ସାହୁ, ଲିଙ୍ଗରାଜ ବଘାର, ଗୌରାଙ୍ଗ ଅଦାରିଆ, ରଘୁମଣି କର୍ମୀ, ରାମ ଗୋପାଳ ପୁଟେଲ, କୁନୁ ବରର୍ଡି, ସୁରଥ ସାହୁ, ଡାକ୍ତର କ୍ଷେତି, ଆକାଶ ତାଣ୍ଡି, ଶ୍ୟାମଘନ ଚାଉଳିଆ ଓ ରିଆଜ ମହମ୍ମଦଙ୍କ ସହ ନାରାୟଣପୁର ଏବଂ ଆଖପାଖ ଗ୍ରାମ ପଞ୍ଚାୟତର ଜନସାଧାରଣ ଉପସ୍ଥିତ ଥିଲେ ।

# ତରଭା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




ଅଧିକାରୀମାନେ ଲୋକଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

ତରଭା, ୨୪।୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧୀକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୬୨ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୫୧ଟି ବ୍ୟକ୍ତିଗତ ଓ ୧୧ଟି ସାମୂହିକ ଦରଖାସ୍ତ ଥିଲଶ। ୩ ଗୋଟି ଅଭିଯୋଗର ତତ୍କାଳ ଫଏସଲା ହୋଇଥିଲା। ସେହିପରି ସିଏମ ରିଲିଫ ଫଣ୍ଡରୁ ସହାୟତା ନିମନ୍ତେ ଗୋଟିଏ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଅବଶିଷ୍ଟ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ ଗଙ୍ଗାରାମ ବୁଡେକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୁଣାଣିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର ଗୁରୁ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତନନ୍ଦ ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦବଲ୍ଲଭ ଷଡଙ୍ଗୀ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ତରଭା ଏନ୍‌ଏସି ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ ଯୋଗଦାନ କରିଥିଲେ।

# ଇଂଲିଶ୍‌ରେ ୧୬୩ ଅନୁପସ୍ଥିତ

## ସରିଲା ଦ୍ୱିତୀୟ ଦିନ ମାଟ୍ରିକ ପରୀକ୍ଷା

ସୋନପୁର,୨୪।୨(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସୋମବାର ଦ୍ୱିତୀୟ ଦିନରେ ଛାତ୍ରୀଛାତ୍ରମାନେ ଦ୍ୱିତୀୟ ଭାଷା ଇଂଲିଶ୍ ବିଷୟରେ ପରୀକ୍ଷା ଦେଇଛନ୍ତି। ସୁବର୍ଣ୍ଣପୁର ଜିଲାର ସବୁ ପରୀକ୍ଷା କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଛି। ପୂର୍ବାହ୍ନ ୭ଟା ୩୦ମିନିଟ୍‌ରୁ ୮ଟା ୩୦ ମଧ୍ୟରେ ଛାତ୍ରୀଛାତ୍ରମାନେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିଥିଲେ। ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୧ଟା ୩୦ମିନିଟ୍‌ରେ ଶେଷ ହୋଇଥିଲା। ଏହି ପରୀକ୍ଷାରେ ଜିଲାର ମୋଟ ୫୨ଟି ପରୀକ୍ଷା କେନ୍ଦ୍ରରେ ୧୨୮ଟି ବିଦ୍ୟାଳୟର ୮ହଜାର ୨୨୭ଜଣ ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବାର ବ୍ୟବସ୍ଥା ଥିଲା। ଏଥର ମଧ୍ୟମାରେ ୮୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପାଠ୍ୟକ୍ରମ ବ୍ୟବସ୍ଥାରେ ୮୧ଜଣ ରହିଛନ୍ତି। ସୋମବାର ଇଂଲିଶ୍ ବିଷୟ ପରୀକ୍ଷା ଥିବା ବେଳେ ଜିଲାର ସମସ୍ତ ପରୀକ୍ଷା କେନ୍ଦ୍ରରେ ବିଭିନ୍ନ ବର୍ଗର ୧୬୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି । ୮୨୨୭ ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୦୭୩ ଉପସ୍ଥିତ ଥିବା ବେଳେ ୧୫୪ଜଣ ଅନୁପସ୍ଥିତ ଥିବା ଜିଲା ଶିକ୍ଷା ବିଭାଗ ସୂତ୍ରରୁ ଜଣାପଡ଼ିଛି। ସେହିପରି ମଧ୍ୟମାରେ ଥିବା ୮୦ ପରୀକ୍ଷାର୍ଥୀ ମଧ୍ୟରୁ ଜଣେ ଅନୁପସ୍ଥିତ ଥିବା ବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପାଠ୍ୟକ୍ରମ ଅଧୀନରେ ମୋଟ ୮୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୭ ଉପସ୍ଥିତ ଥିବା ବେଳେ ୮ ଜଣ ଅନୁପସ୍ଥିତ ଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି। ପରୀକ୍ଷାରେ ଏତେ ସଂଖ୍ୟକ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିବା ଶିକ୍ଷା ବିଭାଗ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଏଥର ଜିଲାରେ ୧୨ଟି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ର ଚିହ୍ନଟ କରାଯାଇଥିବା ବେଳେ ସେଥିରୁ ୪ଟି ଅତି ସମ୍ବେଦନଶୀଳ, ୪ଟି ସମ୍ବେଦନଶୀଳ ଓ ୪ଟି ଉପାନ୍ତ ପରୀକ୍ଷା କେନ୍ଦ୍ର ରହିଛି। ଜିଲାରେ ୧୨ଟି ଏଆଇ କ୍ୟାମେରା ଦ୍ୱାରା ସଂଯୋଗୀକୃତ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭିର ବ୍ୟବସ୍ଥା କରାଯାଇଛି।

### ପିଉସୀ ପୁଅ ଠେଙ୍ଗାମାଡ଼ରେ ମାମୁପୁଅ ମୃତ

ଅମରପାଲି,୨୪।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅମୂଲ୍ୟମଣୀ ରାଣୀପୁର ଗାଁରେ ଏକ ବାହାଘର ଭୋଜିରେ ଗଣ୍ଡଗୋଳ ଘଟି ମୁଣ୍ଡ ଗଡିଛି। ପିଉସୀ ପୁଅର ଠେଙ୍ଗା ମାଡ଼ରେ ମାମୁପୁଅର ମୃତ୍ୟୁ ଘଟିଛି। ମୃତକ ସେହି ଗ୍ରାମର ସାରଥୀ ଥପା। ମିଳିଥିବା ସୂଚନା ମତେ ଗତ ୨୧ ତାରିଖରେ ସାରଥୀଙ୍କ କାକା ମଧୁସୂଦନ ଥପାଙ୍କ ପୁଅ ବାହାଘର ଏବଂ ୨୨ ତାରିଖରେ ଭୋଜିଥିଲା। ଭୋଜି ସମୟରେ ସାରଥୀ ଏବଂ ତାଙ୍କ ପିଉସୀ ପୁଅ ମିଥୁନ ପୋଡ଼ଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା । ଏଥିରେ କ୍ରୋଧିତ ହୋଇ ମିଥୁନ ଏକ ଠେଙ୍ଗାରେ ସାରଥୀଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସାରଥୀଙ୍କୁ ସୋନପୁର ଡାକ୍ତରଖାନା ନିଆଯାଇଥିଲା। ରବିବାର ସାରଥୀଙ୍କୁ ଡାକ୍ତରଖାନରୁ ରିଲିଫ କରିଦିଆଯାଇଥିଲା। ହେଲେ ସେ ପୁଣି ଅସୁସ୍ଥ ହେବାରୁ ସୋମବାର ତାଙ୍କୁ ସୋନପୁର ଡାକ୍ତରଖାନାକୁ ପରିବାର ଲୋକେ ନେଇଥିଲେ। କିନ୍ତୁ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରିବାର ପକ୍ଷରୁ ଏ ନେଇ ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଗୋପାଳଜୀ ଯୋଗାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥି ଓ ଯୋଗାଳୟ କର୍ମକର୍ତ୍ତା।

ସୋନପୁର,୨୪।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ମହାନଦୀ ଯୋଗ ବିହାରସ୍ଥିତ ଶ୍ରୀ ଗୋପାଳଜୀ ଯୋଗାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଯୋଗାଳୟ ସଭାପତି ହରିହର ଶତପଥୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅନୁଷ୍ଠାନ ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ପାଢ଼ୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଶିକ୍ଷାବିତ୍ ଯୋଗୀନ୍ଦ୍ର ପଣ୍ଡା ଓ ମୁଖ୍ୟବକ୍ତାଭାବେ ଐତିହାସିକ ଡ଼କ୍ଟର ସୁଦାମ ନାଏକ ଯୋଗଦେଇ ଶିଳାଲିପି ଏବଂ ଯୋଗ ସାଧନା କ୍ଷେତ୍ରରେ ପ୍ରାଚୀନ ସୋନପୁରର ଅବଦାନ ସମ୍ବନ୍ଧରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଡକ୍ଟର ଆର୍ତ୍ତତ୍ରାଣ ବାବୁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଉପ ସଭାପତି ପ୍ରଦୀପ ପୁରୋହିତ ସଭା ସଂଯୋଜନା କରିଥିବା ବେଳେ ସହ ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ଉଦ୍ୟୋଗୀ ନରେଶ ଅଗ୍ରୱାଲ ସମସ୍ତ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବରିଷ୍ଠ ଯୋଗୀ ଶ୍ରୀରାଧା କିସନ ଅଗ୍ରୱାଲ ବୈଦିକ ଯଜ୍ଞରେ କର୍ତ୍ତା ସାଜି ସ୍ୱର୍ଗୀୟ ମାତାପିତାଙ୍କର ପ୍ରତିମୂର୍ତ୍ତିକୁ ପ୍ରତିଷ୍ଠିତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଞ୍ଜୁଶ୍ରୀ ବାବୁ ଓ ସୁବର୍ଣ୍ଣ ଶତପଥୀ ସୁଲଳିତ କଣ୍ଠରେ ଭଜନ ଗାନ କରିଥିବା ବେଳେ ଅନେକ ଶିଶୁ ପ୍ରତିଭା, ଗୀତ ନାଚ ଓ ବାଦ୍ୟ ପରିବେଷଣ କରିଥିଲେ । ଉକ୍ତ ବାର୍ଷିକ ଉତ୍ସବରେ ଯୋଗ ପରିବାରର ଶତାଧିକ ସଦସ୍ୟ ଯୋଗଦାନ କରିଥିଲେ।

# ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ୪ ଗିରଫ

ତରଭା, ୨୪।୨(ମାନଭଞ୍ଜନ ମିଶ୍ର)



ପୋଲିସ ଗିରଫ କରିଥିବା ୪ ଅଭିଯୁକ୍ତ।

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧିନ ବିଦ୍ୟୁତ୍ ବିଭାଗ ଖାରି ସବ ଷ୍ଟେଶନ ଅଧିନ ଝାରତରଭା ରଥପାଲି ଅଞ୍ଚଳରୁ ୧୧କେଭି ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ଜାମିନ ଆବେଦନ ନାମଞ୍ଜୁର ସେମାନଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ବିଭାଗ ଇଏସଓ ମାନସ କୁମାର ମହାପାତ୍ରଙ୍କ ଗତ ୧୭ତାରିଖରେ ଥାନାରେ ଅଭିଯୋଗମତେ ୧.କିମି ୨୦୦ମିଟରର ଆଲୁମିନିୟମ ତାର ଝାରତରଭା ରେଲୱେ ଷ୍ଟେଶନ ରୋଡଠାରୁ ରଥ ପାଲି ପର୍ଯ୍ୟନ୍ତ ୧୧ କେଭି ୧୪୮ ଏମଏମ ଆଲୁମିନିୟମ ତାର ଚୋରି ହୋଇଥିଲା। ଏହାର ଆନୁମାନିକ ମୂଲ୍ୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ଏହି ଘଟଣାରେ ପୋଲିସ ସମ୍ବଲପୁର କ୍ଷେତରାଜପୁର ଥାନା ଚନ୍ଦନନଗରର ରାଜୀବ ବସନ୍ତରା(୨୪), ତଳବାହାଲ ପଡାର ରାକେଶ ମହାପାତ୍ର (୨୫), ପରଦେଶୀପଡାର କାହ୍ନା ସାହୁ(୨୭) ଏବଂ ବରଗଡ ଜିଲା ସିମଲାପାଲର ଭକ୍ତଦାସ ଚାନ୍ଦ(୫୭)ଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ମାକ୍ସ ପିକ୍‌ଅପ, ୪ଟି ମୋବାଇଲ ଫୋନ, ୪ ବଣ୍ଡଲ ଆଲୁମିନିୟମ ତାର ଜବତ କରିଛି । ଏ ନେଇ ତରଭା ଥାନାରେ ଏକ ମାମଲା(ନଂ.୪୨/୨୫) ରୁଜୁ ହୋଇଥିବା ଆଇଆଇସି ଅନିତା କିଡୋ ସୂଚନା ଦେଇଛନ୍ତି।

# ଅଟୋରୁ ଦମ୍ପତିଙ୍କ ଟଙ୍କା, ସୁନା ଲୁଟ୍

ସମ୍ବଲପୁର,୨୪।୨(ପ୍ରମୋଦ ବହିଦାର)

ସମ୍ବଲପୁର ଧନୁପାଲି ଥାନା ଗୋବିନ୍ଦତୋଲାରେ ଏକ ଦମ୍ପତି ଲୁଟ୍‌ର ଶିକାର ହୋଇଛନ୍ତି। ଗୋବିନ୍ଦତୋଲାର ଏକ ଦୋକାନରେ ମିଷ୍ଟାନ୍ନ କିଣୁଥିବା ବେଳେ ସମ୍ମୁଖରେ ଛିଡ଼ା ହୋଇଥିବା ଅଟୋରୁ ଚାଳକଙ୍କୁ ଚକ୍‌ମା ଦେଇ କେତେଜଣ ଦୁର୍ବୃତ୍ତ ସେମାନଙ୍କ ଟଙ୍କା ଓ ସୁନାଥିବା ଏକ ବ୍ୟାଗକୁ ଲୁଟି ନେଇଥିଲେ। ଉକ୍ତ ବ୍ୟାଗରେ ପ୍ରାୟ ସାଢ଼େ ୩ ଲକ୍ଷ ଟଙ୍କା ଓ ଏକ ସୁନାଚେନ ଥିଲା ବୋଲି ଲୁଟ୍‌ର ଶିକାର ଦମ୍ପତିଙ୍କ ପକ୍ଷରୁ କୁହାଯାଇଛି। ଏନେଇ ଧନୁପାଲି ଥାନାରେ ଲୁଟ୍‌ର ଶିକାର ବାଳକୃଷ୍ଣ ଭୋଇ ଏତଲା ଦେଇଛନ୍ତି। ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଧମା ଥାନା ଅଇଁଲାପାଲିର ବାଳକୃଷ୍ଣ ଭୋଇ ତାଙ୍କ ସ୍ତ୍ରୀଙ୍କ ସହିତ ସମ୍ବଲପୁର ଆସି କୌଣସି ଏକ ବ୍ୟାଙ୍କରୁ ଟଙ୍କା ଉଠାଇଥିଲେ। ଏହାପରେ ସେମାନେ ଏକ ଅଳଙ୍କାର ଦୋକାନରୁ ଏକ ସୁନାଚେନ କିଣିଥିଲେ। ଅଟୋରୁ ଓହ୍ଲାଇ ଟଙ୍କା ଓ ସୁନାଥିବା ଉକ୍ତ ବ୍ୟାଗକୁ ଅଟୋ ଚାଳକଙ୍କ ଜିମାରେ ଛାଡ଼ି ମିଠା କିଣିବାକୁ ଯାଇଥିଲେ। ଏହି ସମୟରେ ତାଙ୍କୁ ପିଛା କରୁଥିବା ୨ଟି ବାଇକରେ ୪ଜଣ ଯୁବକ ସେଠାରେ ପହଞ୍ଚି ଅଟୋରୁ ଉକ୍ତ ବ୍ୟାଗକୁ ନେଇ ଚମ୍ପଟ୍ ମାରିଥିଲେ।

# ବେଜବରୁଆ ଭବନ ପରିଦର୍ଶନ କଲେ ସମ୍ପର୍କୀୟ

## ଜିଏମ୍‌ୟୁରେ ସମ୍ବର୍ଦ୍ଧନା ସଭା

ସମ୍ବଲପୁର,୨୪।୨(ବି.ଶଙ୍କର)

ସାହିତ୍ୟରଥୀ ଲକ୍ଷ୍ମୀନାଥ ବେଜବରୁଆଙ୍କ ପରିବାର ଓ ସମ୍ପର୍କୀୟମାନେ ସୋମବାର ସମ୍ବଲପୁର ସ୍ଥିତ ବେଜବରୁଆ ଭବନ ପରିଦର୍ଶନ କରିଛନ୍ତି । ଅହମିୟା କବି ବେଜବରୁଆ ବ୍ୟବହାର କରୁଥିବା ଏକ ଶାଲ ସମେତ କେତେକ ପୁସ୍ତକ ସମ୍ବଲପୁରର ବେଜବରୁଆ ଭବନରେ ରଖିବା ପାଇଁ ଭେଟି ଦେଇଛନ୍ତି। ଅପରାହ୍ନରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ବେଜବରୁଆଙ୍କ ନାତୁଣୀ ଇରା ଘୋଷ ଶୈଶବରେ ଅଜା ଆଈଙ୍କ ସାନିଧ୍ୟରେ ସମ୍ବଲପୁରରେ ବିତାଇଥିବା ଦିନ ଗୁଡ଼ିକୁ ମନେ ପକାଇଥିଲେ । ତାଙ୍କ ଅଜା ଆଈ ଯେଭଳି ଅଭିନ୍ନ ଥିଲେ, ତାଙ୍କ ପିତା ମାତା ମଧ୍ୟ ସେଭଳି ଅଭିନ୍ନ ଥିଲେ। ଜିଏମ୍‌ୟୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ ନାଗାରାଜୁ ଯୋଗଦେଇ ଦୁଇଟି ରାଜ୍ୟ, ଦୁଇଟି ସଂସ୍କୃତି, ଦୁଇଟି ଭାଷା ଓ ସାହିତ୍ୟରେ ସମନ୍ୱୟ ସ୍ଥାପନର ସୁଯୋଗ ବିଷୟ ଉପସ୍ଥାପନ କରିଥିଲେ । ତେଣୁ ଆସାମରେ ସାହିତ୍ୟାନୁରାଗର ପଟ୍ଟାନ୍ତର ନାହିଁ ବୋଲି ସେ କହିଥିଲେ । ଐତିହାସିକ ଦୀପକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଆସାମ ବେଜବରୁଆ ସ୍ମୃତି ରକ୍ଷା କମିଟିର ବିଷ୍ଣୁ ପ୍ରସାଦ ଗୋସ୍ୱାମୀ, କମଳେନ୍ଦୁ ଭରାଲି, ରଞ୍ଜୁ ଡେକା ସାମିଲ ଥିଲେ । ସନ୍ଥକବି ଭୀମଭୋଇ ଚେୟାରର ପ୍ରଫେସର ଡ.ପ୍ରଦୀପ ପଣ୍ଡା ଭାଷା ସାହିତ୍ୟ ଓ ମାତୃଭାଷାର ମହତ୍ତ୍ୱ ବିଷୟରେ କହିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର, ଡେପୁଟି ରେଜିଷ୍ଟ୍ରାର, ବରିଷ୍ଠ ସାହିତ୍ୟିକମାନେ ଉପସ୍ଥିତ ଥିଲେ ।




ସାହିତ୍ୟରଥୀ ଲକ୍ଷ୍ମୀନାଥ ବେଜବରୁଆଙ୍କ ପରିବାର ଓ ସମ୍ପର୍କୀୟମାନେ ସୋମବାର ସମ୍ବଲପୁରସ୍ଥିତ ବେଜବରୁଆ ଭବନ ପରିଦର୍ଶନ କରୁଛନ୍ତି।

# ଚରିତ୍ର ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## କର୍ଡାପାଲ ୟୁପି ସ୍କୁଲର ବାର୍ଷିକ ଉତ୍ସବ

ଅମରପାଲି,୨୪।୨(ପୀତାମ୍ବର ସାହୁ)




କର୍ଡାପାଲ ୟୁପି ସ୍କୁଲ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ସବୁ ଚାକିରି ପରିଶ୍ରମ ବଳରେ ପ୍ରାପ୍ତ କରାଯାଏ। ମାତ୍ର ଶିକ୍ଷକ ଚାକିରି କପାଳ ଲିଖନ ହୋଇଥାଏ। କଥାରେ ଅଛି ଅଭାବେ ସଭାବ ନଷ୍ଟ। ମାତ୍ର ଶିକ୍ଷକ ସେହି ମଣିଷ ସିଏ ଯେତେ ଅଭାବରେ ପଡ଼ିଥିଲେ ମଧ୍ୟ ନିଜର ସ୍ୱଭାବ ନଷ୍ଟ କରି ନ ଥାଏ। ଯେଉଁ ଶିକ୍ଷକ ସ୍ନେହକୁ ଅସ୍ତ୍ର କରି ଶିକ୍ଷାଦାନ କରିଥାଏ ସେହି ଶିକ୍ଷା ଗୁଣାତ୍ମକ ହୋଇଥାଏ। ଶିକ୍ଷକଙ୍କ ଅସ୍ତ୍ର ହେଉଛି ଗୁଣାତ୍ମକ ଶିକ୍ଷା। ତେଣୁ ଶିକ୍ଷକଙ୍କ ମାନସିକତାରେ ଗୁଣାତ୍ମକ ଶିକ୍ଷା ହେଉ। ଛାତ୍ରର ଚରିତ୍ର ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ତେଣୁ ଚରିତ୍ର ଗଠନ ପାଇଁ ଉଭୟ ଛାତ୍ର ଓ ଶିକ୍ଷକ ପ୍ରୟାସ କରିବା ଆବଶ୍ୟକ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଛୁଣି ପଞ୍ଚାୟତର କର୍ଡାପାଲସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ।

ସ୍କୁଲ ପରିଚାଳନା କମିଟି ସଭାପତି ଦାମୋଦର ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି ମୁଖ୍ୟ ଅତିଥି ଏବଂ ବୀରମହାରାଜପୁର କଲେଜ ଓଡ଼ିଆ ବିଭାଗର ଅଧ୍ୟାପକ ପ୍ରକାଶ ସେଠ ମୁଖ୍ୟବକ୍ତାଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ମେହେର, ଅବସରପ୍ରାପ୍ତ କୃଷି ଅଧିକାରୀ ଦୟାନିଧି ହୋତା, ସିଆରସିସି ପ୍ରହ୍ଲାଦ ମୁଖି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ରାଜେନ୍ଦ୍ର ମେହେର ଓ ଅମ୍ବିକରାଣୀ ଖେତି ସଭା ସଂଯୋଜନା କରିଥିଲେ। ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ମେହେର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଦେହୁରୀ, ଦଶରଥ ମଲ୍ଲିକ, କିଶୋର ଚନ୍ଦ୍ର ହୋତା, ଗୁଣନିଧି ମହାକୁର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷକ ସଧିନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦାରା ହୃଷୀକେଶ ଦାସଙ୍କ ରଚନା ଓ ନିର୍ଦ୍ଦେଶନାରେ ଏକ ସଚେତନତାଧର୍ମୀ ନାଟକ ପାଳିତା କନ୍ୟା ପରିବେଷଣ କରାଯାଇଥିଲା। ଏହାସହିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ,ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ।

